

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୧ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 11 DECEMBER 2021

Vol.No. 32 ■ No. 316 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଞ୍ଚଭୂତରେ ଲୀନ ହେଲେ ସିଡିଏସ ରାୱତ



ନୂଆଦିଲ୍ଲୀ,୧୦/୧୨: ଅଲବିଦା ସିଡିଏସ ଜେନେରାଲ ବିପିନ ରାୱତ । ୧୭ ତୋପ ସଲାମି ସହ ସଂପୂର୍ଣ୍ଣ ସୈନ୍ୟ ସମ୍ମାନରେ ଅନ୍ତିମ ବିଦାୟ ଦେଲା ସାରା ଦେଶ । ଦିଲ୍ଲୀର ବରାରା ସ୍କୋୟାରରେ ଦେଶର ପ୍ରଥମ ସିଡିଏସ ଓ ତାଙ୍କ ପତ୍ନୀ ମଧୁଲିକାଙ୍କୁ ଗୋଟିଏ ଜୁଇରେ ଦିଆଯାଇଛି ଅନ୍ତିମ ବିଦାୟ । ଦୁଇ ଝିଅ କିର୍ତ୍ତିକା ଓ ତାରିଣୀ ପିତା ମାତାଙ୍କୁ ମୁଖାଗ୍ନୀ ଦେଇଛନ୍ତି । ତେବେ ଏହି ସମୟରେ ଶୋକାକୁଳ ହୋଇପଡିଛି ବରାର ସ୍କୋୟାରର ପରିବେଶ । ଅଶ୍ରୁଳ ଆଖିରେ ବିର ଯୋଦ୍ଧାଙ୍କୁ ଅନ୍ତିମ ବିଦାୟ ଦିଆଯାଇଛି । ବିପିନ ଓ ତାଙ୍କ ପତ୍ନୀଙ୍କ ଅନ୍ତିମ ସଂସ୍କାରରେ ପରିବାର ବର୍ଗ, ସେନାର ପ୍ରମୁଖ ଅଧିକାରୀ, ୮ ଶହ ଯବାନ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ନେତା ଓ ବହୁ ଜନତା ସାମିଲ ହୋଇଥିଲେ । ପାଲମପୁର ଏୟାରବେସ ହସ୍ପିଟାଲରୁ ସିଡିଏସ ବିପିନ ରାୱତଙ୍କ ପାର୍ଥିବ ଶରୀରକୁ କାମରାଜ ମାର୍ଗରେ ଥିବା ତାଙ୍କ ବାସଭବନ ଅଣାଯାଇଥିଲା । ସେଠାରେ ଅନ୍ତିମ ଦର୍ଶନ ପାଇଁ ତାଙ୍କ ମରଶରୀରକୁ ରଖାଯାଇଥିଲା । ସିଜେଆଇ ଏନଭି ରମନ୍ନା, ତିନି ସେନାର ଅଧିକାରୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଉପରାଜ୍ୟପାଳ ରାୱତଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସେହିପରି ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଦୂତ ଦେଶର ସର୍ବୋଚ୍ଚ ସୈନ୍ୟ ଅଧିକାରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାପରେ ବାସଭବନରୁ ବିପିନ ରାୱତ ଓ ତାଙ୍କ ପତ୍ନୀ ମଧୁଲିକା ରାୱତଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ଦିଲ୍ଲୀ ସ୍ଥିତ ବରାର ସ୍କୋୟରକୁ ଶେଷକୃତ୍ୟ ପାଇଁ ଅଣାଯାଇଥିଲା । ତିନି ସେନାର ଅଧିକାରୀ ମୃତଦେହକୁ କାନ୍ଧ ଦେଇଥିଲେ । ସଂପୂର୍ଣ୍ଣ ହିନ୍ଦୁ ରୀତି ନୀତି ଓ ସୈନ୍ୟ ସମ୍ମାନର ସହ ସିଡିଏସ ରାୱତଙ୍କ ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି । ଏକ ବିଚକ୍ଷଣ ଯୋଦ୍ଧା, ଶତ୍ରୁ ପକ୍ଷର ନିଦ ହଜେଇ ଦେଉଥିବା ସାମରିକ ବିଶାରଦ ଓ ଭାରତ ମାତା ତାର ସୁଯୋଗ୍ୟ ସନ୍ତାନକୁ ହରାଇଛି । ବିପିନ ରାୱତ ଆଜି ▶▶ପୃଷ୍ଠା ୭

## ମମିତାଙ୍କୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସର ହଲ୍ଲାବୋଲ

### ଆନ୍ଦୋଳନକାରୀଙ୍କୁ ଗୋଡାଇ ଗୋଡାଇ ପିଟିଲା ପୋଲିସ୍



ଭୁବନେଶ୍ୱର, ୧୦/୧୨ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଛାତ୍ର କଂଗ୍ରେସ ଆଜି ହଲ୍ଲା ବୋଲ ଡାକରା ଦେଇଥିଲା । ମମିତାଙ୍କ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ନେତା ମାନେ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ ବେଳେ ପୋଲିସ ଲାଠିମାଡ଼ କରିଥିଲା । ଏଥିରେ କିଛି କର୍ମୀଙ୍କ ମୁଣ୍ଡଫାଟିଥିବାର ଅଭିଯୋଗ ହୋଇଛି । ସେହିପରି କଂଗ୍ରେସ ଦଳୀୟ କାର୍ଯ୍ୟାଳୟ ଭିତରେ ପଶି ବି ପୋଲିସ କଂଗ୍ରେସ କର୍ମୀମାନଙ୍କୁ ପିଟିଥିଲା । ଅପରପକ୍ଷରେ ପୋଲିସ୍ ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ, ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଂଟିନ ଛକରେ ଧାରଣା ଦିଆଯାଇଛି । ମାଡ଼ ମାରିଥିବା ପୋଲିସ ଗିରଫ ନହେବା ଯାଏ ଧାରଣା ଜାରି ରହିବ ଏବଂ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି । ତେବେ ଦୀର୍ଘ ସମୟ ଧରି ଧାରଣା ଦେବା ପରେ କଂଗ୍ରେସ କର୍ମୀମାନେ ଧାରଣାରୁ ଉଠିଛନ୍ତି । ଡିସିପି ଧାରଣା ସ୍ଥଳରେ ପହଂଚି କଂଗ୍ରେସ ଭବନ ଭିତରେ ପୋଲିସ କର୍ମୀ ମାଡ଼ ମାରିବା ଘଟଣାରେ କ୍ଷମା ମାଗିବା ସହ ସିସିଟିଭି ଅଧାରରେ ୭ ଦିନ ମଧ୍ୟରେ ଏହାର ତଦନ୍ତ କରାଯିବ ବୋଲି ▶▶ପୃଷ୍ଠା ୭

## ଓଡିଶାରେ ଏଯାଏଁ ନାହିଁ ଓମିକ୍ରନ

ଭୁବନେଶ୍ୱର,୧୦/୧୨(ନି.ପ୍ର): ରାଜ୍ୟରେ ଏପର୍ଯ୍ୟନ୍ତ ଓମିକ୍ରନ ଚିହ୍ନଟ ହୋଇନାହିଁ । ନଭେମ୍ବର ୨୯ ତାରିଖ ପରଠାରୁ ଜିନମ ସିକ୍ୱେନସିଂ ପାଇଁ ଆଇଏଲଏସକୁ ଆସିଥିବା ୨୪୬ ନମୂନାରେ ଓମିକ୍ରନ ନାହିଁ । ନଭେମ୍ବର ମାସରେ ପୂର୍ବରୁ ୧୪୧ ନମୂନା ଯାଇଥିବା ବେଳେ ସେଥିରେ ମଧ କୌଣସି ଓମିକ୍ରନ ଭାଇରସ ଚିହ୍ନଟ ହୋଇନଥିଲା । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି, ଆଟ୍ ରିସ୍କ କଂଟ୍ରିରୁ ଆସିଥିବା ବ୍ୟକ୍ତିଙ୍କୁ ଠାବ କରିବାକୁ ଜିଲ୍ଲାସ୍ତରରେ ମାଇକ୍ରୋ ଲେଭଲରେ ପ୍ରଚେଷ୍ଟା ଜାରି ରହିଛି । ଡିଏମଇଟି ନିର୍ଦ୍ଦେଶକ ଡାକ୍ତର ରମାରମଣ ମହାନ୍ତି କହିଛନ୍ତି ଭୟ ନକରି ଜନସାଧାରଣ ସତର୍କ ହୋଇ ଚଳିନ୍ତୁ ।

## ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ସ୍ଥଗିତ ନିଷ୍ପତ୍ତି

ଭୁବନେଶ୍ୱର,୧୦/୧୨(ନି.ପ୍ର): ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ସ୍ଥଗିତ ନିଷ୍ପତ୍ତି । କୋଭିଡ କଟକଣା ପାଇଁ ସ୍ଥଗିତ ନିଷ୍ପତ୍ତି ହୋଇଛି । ହେଲେ ଜାନୁଆରୀ ଗାଇଡଲାଇନ ଦେଖିବା ପରେ ପୁନଃବିଚାର କରାଯିବ । ଚଳିତ ମାସରେ ଶୁଭସ୍ତମ୍ଭ ଦେବାର କାର୍ଯ୍ୟକ୍ରମ ରହିଥିଲା । ଏନେଇ ସୂଚନା ଦେଲେ ବରଗଡ ଜିଲ୍ଲାପାଳ ମନୀଷା ବାନାର୍ଜୀ । କରୋନା ମହାମାରୀ ପାଇଁ ଗତ ବର୍ଷ ମଧ ଧନୁଯାତ୍ରା ବନ୍ଦ ରହିଥିଲା । ତେବେ ଏଥର ମଧ କରୋନା ପାଇଁ ଧନୁଯାତ୍ରାକୁ ସ୍ଥଗିତ ରଖାଯାଇଛି । ରାଜ୍ୟରେ ଧିରେ ଧିରେ କରୋନା ମହାମାରୀ କମିଥିଲେ ମଧ ନୂଆ ଭ୍ୟାରିଆଣ୍ଟ ଓମିକ୍ରନକୁ ନେଇ ସାରା ବିଶ୍ୱରେ ପୁଣି ଭୟ ଦେଖାଯାଇଛି । ଏହି ସମୟରେ ସତର୍କ ରହିବାକୁ ମଧ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

## ସାତ ଦିନ ଏକାଠି ରହିବା ପରେ ତପସ୍ୱିନୀଙ୍କୁ ଛାଡ଼ି ସୁମିତ ଫେରାର୍





ବ୍ରହ୍ମପୁର,୧୦/୧୨ (ନି.ପ୍ର): ସାତ ଦିନ ଗୋଟିଏ ଘରେ ରହିବା ପରେ ଆଜି ସକାଳେ ହଠାତ୍ କେଉଁ ପଳାଇ ଯାଇଛନ୍ତି ଡାକ୍ତର ସୁମିତ ସାହୁ । ଗେଷ୍ଟ ହାଉସ୍ ସମ୍ମୁଖରୁ ପୁଲିସ୍ କ୍ୟାମ୍ପ ହଟିବା ପରେ ସୁମିତ ଚମ୍ପଟ ମାରିଥିବା ଆଲୋଚନା ହେଉଛି । ସକାଳଠାରୁ ସ୍ୱାମୀ ସୁମିତଙ୍କୁ ନପାଇ କାନ୍ଦୁଛନ୍ତି ପତ୍ନୀ ତପସ୍ୱିନୀ ଓରଫ୍ ଡିମ୍ପଲ ଦାଶ । ସେ କହିଛନ୍ତି, ସୁମିତ ମୋତେ ଛାଡ଼ି କୁଆଡ଼େ ପଳାଇଛନ୍ତି । ସକାଳେ କେହି ଜଣେ ଆସି ତାଙ୍କୁ ସ୍କୁଟିରେ ନେଇଯାଇଛନ୍ତି । ଆସିକା ଗେଷ୍ଟ ହାଉସରେ ସେ ଏକା ରହିଯାଇଥିବା କହିଛନ୍ତି ତପସ୍ୱିନୀ । ଅଭିଯୋଗରୁ ପ୍ରକାଶ, ଡାକ୍ତର ସୁମିତ ସାହୁ ହେଉଛନ୍ତି ବାଲିସିରା ମେଡ଼ିକାଲ୍ର ଡାକ୍ତର । ଆଜି ସକାଳେ ସେ ଡ୍ୟୁଟି ଯାଇଥିଲେ । ମେଡ଼ିକାଲ୍ରେ କିଛି ସମୟ ରହିଥିଲେ । ମେଡ଼ିକାଲ୍ରେ ରୋଗୀ ମଧ ଦେଖିଥିଲେ । ପରେ ୫ ଦିନ ଛୁଟି ମାଗି ଉପରିସ୍ଥ ଅଧିକାରୀଙ୍କୁ ଦରଖାସ୍ତ ଦେଇଥିଲେ । ଏହା ପରଠାରୁ ସୁମିତଙ୍କ ପତ୍ତା ମିଳୁନାହିଁ । ଏପରିକି ତାଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଥିବା ଜଣାପଡ଼ିଛି । ସେପଟେ ସୁମିତଙ୍କ ଓକିଲ କହିଛନ୍ତି, ତାଙ୍କ ଦେହ ଅସୁସ୍ଥ ରହିଛି । ତେବେ ବର୍ତ୍ତମାନ ସେ କେଉଁଠି ଅଛନ୍ତି, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ନିଜକୁ ବୋହୂ ବୋଲି ଦାବି କରି ତପସ୍ୱିନୀ ବ୍ରହ୍ମପୁର ଦ୍ୱିତୀୟ ଲେନ୍ରେ ଥିବା ଶ୍ୱଶୁର ଘର ସମ୍ମୁଖରେ ଧାରଣାରେ ବସିଥିଲେ । ଆଉ ଅଭିଯୋଗ କରି କହିଥିଲେ, ସେ ହେଉଛନ୍ତି ଡାକ୍ତର ସୁମିତ ସାହୁଙ୍କ ପତ୍ନୀ । ▶▶ପୃଷ୍ଠା ୭

## ୨୦ ଦିନ ପୂର୍ବରୁ ଶେଷ ହେଲା ବିଧାନସଭା





ଭୁବନେଶ୍ୱର,୧୦/୧୨(ନି.ପ୍ର): ମମିତା ଝଡ଼ରେ ଧୋଇଗଲା ଶୀତ କାଳୀନ ଅଧିବେଶନ । ୨୦ ଦିନ ପୂର୍ବରୁ ତଥା ୧୭ ଟି କାର୍ଯ୍ୟ ଦିବସ ପୂର୍ବରୁ ବିଧାନସଭା କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ରଖିଛନ୍ତି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର । ୯ ଟି କାର୍ଯ୍ୟ ଦିବସ ମଧ୍ୟରୁ ଗୋଟିଏ ଦିନ ବି ଗୃହ ସ୍ୱାଭାବିକ ଚାଲି ପାରିନି । ଶୁକ୍ରବାର ଅପରାହ୍ନ ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହକୁ ମୁଲତବୀ କରିବାକୁ ପ୍ରସ୍ତାବ ଆଣିଥିଲେ । ଗୃହର କୌଣସି ବିଜନେସ ନଥିବାରୁ ଏବଂ କୋଭିଡ ସଂକ୍ରମଣ ଦୃଷ୍ଟିରୁ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରହିଛି । ଏହି ସମୟରେ ବିଜେପି ଓ କଂଗ୍ରେସ କକ୍ଷ ତ୍ୟାଗ କରିଥିଲେ । ଏହାର ପ୍ରତିବାଦରେ ବିଜେପି ବିଧାୟକମାନେ ବିଧାନସଭା ପରିସରରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଛନ୍ତି । ଡିସେମ୍ବର ୧ ତାରିଖରୁ ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଥିଲା । ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟଦିବସ ରହିଥିଲା । ତେବେ ୧୭ଟି କାର୍ଯ୍ୟଦିବସ ପୂର୍ବରୁ ଗୃହ ବନ୍ଦ ହୋଇଯାଇଛି । ୯ ଦିନରେ ପ୍ରାୟ ୨ ଘଂଟା ବି ଠିକ୍ ଭାବେ ଗୃହ ଚାଲିପାରିନି । ଏଥର ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ଘଟଣାରେ ନେଇ ହୁଲୁସ୍ଥଳ ହୋଇଥିଲା ବିଧାନସଭା । ପ୍ରତିଦିନ କଂଗ୍ରେସ ଓ ବିଜେପିର ଅଭିନବ ପ୍ରତିବାଦ ଦେଖିବାକୁ ମିଳିଥିଲା । ପ୍ରଥମ ଦିନରୁ ▶▶ପୃଷ୍ଠା ୭

## ପୁରୀ ଶ୍ରୀମନ୍ଦିରରେ ନାବାଳକଙ୍କୁ ଯୌନ ନିର୍ଯାତନା ମାମଲା : ସେବାୟତ ଗିରଫ

ପୁରୀ, ୧୦/୧୨ (ନି.ପ୍ର): ପୁରୀ ଶ୍ରୀମନ୍ଦିରରେ ଜଣେ ନାବାଳକଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି । ସିଂହଦ୍ୱାରା ଥାନାରେ ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବରିଷ୍ଠ ସେବାୟତ ଲକ୍ଷ୍ମୀଧର ଖୁଂଟିଆଙ୍କୁ ଗିରଫ କରାଯାଇଛି । ପକ୍ସୋ ଆଇନ ଅନୁଯାୟୀ ସେବାୟତ ଜଣଙ୍କୁ ଗିରଫ କରାଯାଇଛି । ଜଣେ ସେବାୟତ ଅନ୍ୟଜଣେ ବରିଷ୍ଠ ସେବାୟତଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ । ତାଙ୍କ ନାବାଳକ ପୁଅକୁ ବରିଷ୍ଠ ସେବାୟତ ଜଣକ ଯୌନ ନିର୍ଯାତନା ଦେଇଆସୁଥିବା ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶ୍ରୀମନ୍ଦିର ପ୍ରଶାସନ ସହିତ ନିଯୋଗ ଏବଂ ଏସପିଙ୍କୁ ଏନେଇ ସେ ଅବଗତ କରିଥିଲେ । ସେବାୟତ ଜଣକ ଭିନ୍ନକ୍ଷମ ହୋଇଥିବାରୁ ତାଙ୍କ ନାବାଳକ ପୁଅ ଶ୍ରୀମନ୍ଦିରକୁ ନେବା ଆଣିବା କରନ୍ତି । ନାବାଳକ ପୁଅ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଳିଆ ସେବକ ଭାବେ ନିର୍ମାଲ୍ୟ ଖଳାରେ କାମ କରନ୍ତି । ୨ ମାସ ତଳେ ନାବାଳକ ପୁଅ ଭୁବନେଶ୍ୱରୀ ମନ୍ଦିରରେ ଦର୍ଶନ କରୁଥିବାବେଳେ ଲକ୍ଷ୍ମୀ ମନ୍ଦିରର ସେବାୟତ ଲକ୍ଷ୍ମୀନାରାୟଣ ଖୁଂଟିଆ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ । ଏପରିକି କାହାରିକୁ ଏ ବାବଦରେ କହିଲେ ଶ୍ରୀମନ୍ଦିର ଭିତରକୁ ଆଉ ପ୍ରବେଶ କରିପାରିବେ ନାହିଁ ବୋଲି ଧମକ ଦେଇଥିଲେ । ସେହିଦିନଠାରୁ ପୁଅ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇଆସୁଥିବା ଅଭିଯୋଗ କରିଛନ୍ତି । ଶ୍ରୀମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି କୁକର୍ମକୁ ସେ ଦୃଢ ନିନ୍ଦା କରିବା ସହ ପୁଅର ସୁରକ୍ଷା ଲୋଡିଛନ୍ତି । ତେଣୁ ଆଜି ଅଭିଯୋଗ ଆଧାରରେ ଶ୍ରୀମନ୍ଦିର ଯାଇ ତଦନ୍ତ ଆରମ୍ଭ କରିଥିଲେ ସିଂହଦ୍ୱାର ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ।

## ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତକୁ ବିଶ୍ୱରେ ଅଗ୍ରଣୀ କରିବ : ଧର୍ମେନ୍ଦ୍ର ପ୍ରଧାନ



ଗୋରଖପୁର, ୧୦/୧୨ (ନି.ପ୍ର): ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ପ୍ରଣିତ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି -୨୦୨୦ (ଏନଇପି) ଭାରତକୁ ବିଶ୍ୱରେ ଅଗ୍ରଣୀ କରିବ ବୋଲି ଶୁକ୍ରବାର ଉତରପ୍ରଦେଶର ଗୋରଖପୁର ଠାରେ ମହାରଣା ପ୍ରତାପ ଶିକ୍ଷା ପରିଷଦର ପ୍ରତିଷ୍ଠା ସପ୍ତାହ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି । ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଦେଶର ଯୁବକଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିବ । ଆଜିର ଯୁବବର୍ଗଙ୍କୁ ବୈଶ୍ୱିକ ନାଗରିକ ବନାଇବା ଦିଗରେ ନୂଆ ଶିକ୍ଷା ନୀତି ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ନୂଆ ଶିକ୍ଷା ନୀତି ଭାରତକୁ ବିଶ୍ୱର ଅଗ୍ରଣୀ ଦେଶ ଭାବରେ ସ୍ଥାପିତ କରିବ । ଗୋରଖପୁରର ▶▶ପୃଷ୍ଠା ୭

## ହାଜର ହେଲେ ଆଇଆଇସି : ଦାଖଲ କଲେ କେସ୍ ଡାଏରୀ, ସିଡିଆର୍ ରିପୋର୍ଟ



ସାଲେପୁର, ୧୦/୧୨ (ନି.ପ୍ର): ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ କୋର୍ଟଙ୍କ ପୂର୍ବ ଆଦେଶ ମୁତାବକ ଆଜି ମାହାଙ୍ଗା ଥାନା ଅଧିକାରୀ ବ୍ୟକ୍ତିଗତ ଭାବେ ସାଲେପୁର ଜେଏମ୍ଏଫ୍ସି କୋର୍ଟରେ ହାଜିରା ହୋଇଛନ୍ତି । ଏଥିସହ କୋର୍ଟ ମାଗିଥିବା ପୁନଃ ତଦନ୍ତ ରିପୋର୍ଟ ଓ ସିଡିର୍ ସଂରକ୍ଷଣ ରିପୋର୍ଟ ଦାଖଲ କରିଛନ୍ତି । ଏହାବ୍ୟତୀତ ଏହି ଘଟଣାରେ ୧୦ ଜଣଙ୍କ ୧୬୧ ସାକ୍ଷ ମଧ କୋର୍ଟରେ ଦାଖଲ କରିଛନ୍ତି ଆଇଆଇସି । ଏନେଇ ଏତେଲାକାରୀଙ୍କ ଓକିଲ ସ୍ପଷ୍ଟ କରିଛନ୍ତି । ୨୦୨୧ ଜାନୁଆରୀ ୨ ତାରିଖରେ ସାଲେପୁର ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବାଇକ୍ରେ ଘରକୁ ଆସୁଥିଲେ । ଘରଠାରୁ ଅଳ୍ପ ଦୂରରେ ତାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା । ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ହୋଇଥିଲେ ଦିବ୍ୟସିଂହ । ତାଙ୍କୁ କଟକ ବଡ଼ ମେଡିକାଲ୍ରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଏହି ମାମଲାରେ ୧୩ ଜଣଙ୍କ ନାଁରେ ଅଭିଯୋଗ ହୋଇଥିବା ବେଳେ ୯ ଜଣଙ୍କୁ ଗିରଫ କରିଥିଲା ପୁଲିସ । ମାହାଙ୍ଗ ଡ଼ବଲ ମର୍ଡରରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ଏତେଲାରେ ଥିଲା । କିନ୍ତୁ ଚାର୍ଜସିଟ୍ରେ ୧୩ ନମ୍ବର ମୁଦାଲା ଭାବେ ଥିବା ମନ୍ତ୍ରୀଙ୍କ ନାଁକୁ ହଟାଇ ଦିଆଯାଇଥିଲା । ଏ ନେଇ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ ମୃତ କୁଳମଣି ବରାଳଙ୍କ ପୁଅ ରମାକାନ୍ତ । ଏହା ପରେ ଗତ ଅଗଷ୍ଟରେ ପ୍ରୋଟେଷ୍ଟ ପିଟିସନର ଶୁଣାଣୀ କରି ସେହି ମାସ ୨୫ ତାରିଖରେ ଏହାର ସାନି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତଦନ୍ତ ରିପୋର୍ଟ ନମିଳିବାରୁ ଆଜି କ୍ଷୁବ୍ଧ ହୋଇଥିଲେ କୋର୍ଟ । ପୁଲିସ୍ ସେହି ମାମଲାର ପୁନଃ ତଦନ୍ତ କରି ରିପୋର୍ଟ ଦେଇନଥିବାରୁ କଡା ଭାଷାରେ ଭତ୍ସନା କରି ଥିବା ରମାକାନ୍ତଙ୍କ ଓକିଲ ପ୍ରବୀଣ କାନୁନଗୋ କହିଛନ୍ତି ।

## କଂଗ୍ରେସ ଛାଡି ବିଜେଡିରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝୀ

ଭୁବନେଶ୍ୱର, ୧୦/୧୨ (ନି.ପ୍ର): ବିଜେଡିରେ ଯୋଗଦେଇଛନ୍ତି କଂଗ୍ରେସର ପୂର୍ବତନ ବିଧାୟକ ଡାକ୍ତର ପ୍ରଫୁଲ୍ଲ ମାଝୀ । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରତାପ ଦେବ ଓ ପ୍ରୀତିରଞ୍ଜନ ଘଡ଼େଇଙ୍କ ଉପସ୍ଥିତରେ ସେ ଆଜି ବିଜେଡିରେ ମିଶିଛନ୍ତି । ଏହି ଅବସରରେ ପ୍ରଫୁଲ୍ଲ ମାଝୀ କହିଛନ୍ତି, ଆଜି ମୋ ପାଇଁ ଏକ ସ୍ମୃତିର ଦିନ । ତଳସରା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ଼ଥିଲା । ଦଳ ଛାଡ଼ିବା ସିଦ୍ଧାନ୍ତ ମୋର ଏକା ନଥିଲା । ଏହା ମୋ ସହଯୋଗୀମାନଙ୍କ ନିଷ୍ପତି ଥିଲା । ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛୁ । ସେ କହିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଭଲ ପାଏ । ସେ ବି ମୋତେ ଭଲ ପାଆନ୍ତି । ଆମେ ସମସ୍ତେ ବିଜେଡିରେ ଶୃଙ୍ଖଳିତ ହୋଇ କାମ କରିବୁ । ଆଦିବାସୀ ମାନଙ୍କ ବିକାଶ ସହ ସୁନ୍ଦରଗଡ଼ ଜିଲ୍ଲା ଓ ରାଜ୍ୟର ବିକାଶ ନେଇ କାମ କରିବୁ । ଆଗାମୀ ପଂଚାୟତ ନିର୍ବାଚନରେ ବିଜେଡି ଭଲ କରିବ । ଅପରପକ୍ଷରେ କଂଗ୍ରେସ ଏକ ମୁଣ୍ଡବିହୀନ ଦଳ ହୋଇଯାଇଛି । ଦଳରେ ବରିଷ୍ଠଙ୍କୁ ଅଣଦେଖା କରାଯାଉଛି ବୋଲି ସେ କହିଛନ୍ତି ।

## ଥଣ୍ଡା ଜ୍ୱର ଥିଲେ ସ୍କୁଲ ଆସନି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୦/୧୨ (ନି.ପ୍ର): ଥଣ୍ଡା ଜ୍ୱର ଥିଲେ ବିଦ୍ୟାଳୟ ନଆସିବାକୁ ପରାମର୍ଶ ଦିଆଯାଇଛି । ସ୍କୁଲରେ କରୋନା ସଂକ୍ରମଣ ରୋକିବାକୁ ଏସଓପି କଡାକଡି କରାଯାଇଥିବା କହିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ସେ କହିଛନ୍ତି, ସ୍କୁଲଗୁଡ଼ିକରେ ଟେଷ୍ଟିଂ କରାଯାଉଛି । ସ୍କୁଲ ଆସିବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି । ସ୍କୁଲକୁ ଅଧିକ ଛାତ୍ରଛାତ୍ରୀ ଆସୁଥିବାରୁ ଉପସ୍ଥାନ ବଢ଼ିଛି । ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି । ଅପରପକ୍ଷରେ ସ୍କୁଲରେ ଡ୍ରପ୍ ଆଉଟ ସଂଖ୍ୟା ବୃଦ୍ଧି ଖବରରେ କୌଣସି ସତ୍ୟତା ନାହିଁ । ହଜାରେରୁ ଅଧିକ ମାଇଗ୍ରେସନ ହଷ୍ଟେଲ ବନ୍ଦ ହୋଇଥିବା ଯୋଗୁଁ ପ୍ରାୟ ୮ ହଜାର ଛାତ୍ରଛାତ୍ରୀ ସ୍କୁଲ ଆସିପାରିନାହାନ୍ତି । ସ୍କୁଲ ଆସିବାକୁ ନେଇ ଅବିଭାବକଙ୍କ ସହମତି ପାଇଁ ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥା କରିଥିବା କହିଛନ୍ତି ମନ୍ତ୍ରୀ ।

# ବାତ୍ୟା ପରେ ଲଗାଣ ବର୍ଷା : କ୍ଷେତରୁ ଅମଳ ହୋଇପାରୁନି ଫସଲ

ଧର୍ମଶାଳା,୧୦/୧୨ (ନି.ପ୍ର): କିଛି ଦିନ ତଳେ ଆସିଥିଲା ବାତ୍ୟା ଜୱାଦ । ବାତ୍ୟା ଚାଲିଯିବା ପାଗ ମେଘୁଆ ରହିବା ସହ ପୁଣି ଆରମ୍ଭ ହୋଇଯାଇଛି ବର୍ଷା । ଯାହା ଚାଷୀଙ୍କୁ ହତାଶ କରିଛି । ଚାଷୀଙ୍କ ଉପରେ ପ୍ରକୃତି ଦାଉ ସାଜିଛି । ପ୍ରକୃତିର କରାଳରେ ଛଟପଟ ହେଉଛି ଚାଷୀ ପରିବାର । ବୋଝ ଉପରେ ଲଳିତା ବିଡା ସଦୃଶ । ଏଥିରୁ ମୁକୁଳିବା କଷ୍ଟକର ହୋଇପଡିଛି । ଆଜି ସକାଳୁ ଲଗାଣ ବର୍ଷା ଲାଗି ରହିଥିଲା । ଏହି ଲଗାଣ ବର୍ଷାରେ ପାଚିଲା ଧାନ ଗଛ ସବୁ କ୍ଷେତରେ ଭାସୁଥିବାବେଳେ ଚିନାବାଦାମ କ୍ଷେତରେ ଆଣ୍ଠୁଏ ଉଚ୍ଚର ପାଣି । ଯାଜପୁର ଜିଲା ଧର୍ମଶାଳା, ବଡଚଣା ଓ ରସୁଲପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ହଜାର ହଜାର ହେକ୍ଟର ଚାଷ ଜମିରେ ପାଚିଲା ଧାନ ପଡି ରହିଛି । ସେହିପରି ଚିନାବାଦାମ ଫସଲ ଉପରେ ବିଶେଷ ପ୍ରଭାବ ପଡିଛି । ବିଲରେ ପାଣି ଜମି ରହିବା ଫଳରେ ଗଛ ଆଗାମୀ ଦିନରେ ମରିଯିବା ନେଇ ଆଶଙ୍କା ରହିଛି । ଖାଲି ଧାନ ନୁହେଁ ପନିପରିବା ଚାଷ ଉପରେ ମଧ ଏହାର ପ୍ରଭାବ ପଡିଛି । ବିଶେଷ କରି କୋବି, ବାଇଗଣ, ଭେଣ୍ଡି , ପୋଟଳ, କଲରା, କାକୁଡି ଓ ବିଭିନ୍ନ ପ୍ରକାର କିସମର ପନିପରିବା ପାଣିରେ ବୁଡି ରହିଛି । ଯଦି ସଠିକ୍ ସମୟରେ କ୍ଷେତରୁ ଜଳ ନିଷ୍କାସନ ହୋଇ ନପାରେ, ତେବେ ଏହି ସବୁ ଗଛ ପଚି ସଢ଼ି ନଷ୍ଟ ହୋଇଯିବାର ସମ୍ଭାବନା ରହିଛି । ତେବେ ଏଭଳି ପରିସ୍ଥିତରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଫସଲ କ୍ଷୟକ୍ଷତିର ଆକଳନ କରିବାକୁ ସରକାରଙ୍କୁ ଦାବି କରିଛି ଚାଷୀକୂଳ । ଅନ୍ୟ ପଟେ ଆଗାମୀ ଦିନରେ ଅଂଚଳରେ ପନିପରିବାର ଘୋର ଅଭାବ ଦେଖାଦେବ । ଫଳରେ ସିଧାସଳଖ ଖାଉଟିଙ୍କ ଉପରେ ପ୍ରଭାବ ପଡିବ । ଦର ଦାମ ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ଚାଷୀ ପ୍ରକାଶ କରିଛି ।

# କେନ୍ଦୁଝରସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ଛାତ୍ର ଅଶାନ୍ତି

କେନ୍ଦୁଝର ,୧୦/୧୨ (ନି.ପ୍ର): କେନ୍ଦୁଝର ରେ ଥିବା ଉତର ଓଡିଶା ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ରେ ଛାତ୍ର ଅଶାନ୍ତି ଲାଗି ରହିଥିବା ବେଳେ ଦୁଇ ଦିନ ଧରି କାମ୍ପସ ଗେଟରେ ତାଲା ପକାଇ ଧାରଣା ରେ ବସି ରହିଛନ୍ତି ଛାତ୍ର ଛାତ୍ରୀ । ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଦାବି ନେଇ ଦୁଇ ଦିନ ଧରି ଗେଟ ରେ ତାଲା ପକାଇ ଧାରଣା ରେ ବସିଛନ୍ତି ।
ଦୀର୍ଘ ଦିନ ଧରି ବିଶ୍ୱ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ପାଖରେ ସାମସ୍ୟାର ରହିଛି ଲମ୍ବା ତାଲିକା । ହେଲେ ସମାଧାନ କରିବା କୁ କେହି ଆଗ୍ରହ ମଧ୍ୟ ପ୍ରକାଶ କରୁ ନାହାଁନ୍ତି । କିନ୍ତୁ ଯେତେବେଳେ ଯାହା ବି ମିଳୁଛି ତାହା କେବଳ ପ୍ରତିଶୃତି ଆଉ ପ୍ରତିଶୃତି । ଛାତ୍ର ଛାତ୍ରୀ ମାନଙ୍କର ପ୍ରମୁଖ ସମସ୍ୟା ଗୁଡିକ ମଧ୍ୟରେ ହେଲା ପ୍ରଥମେ ତ ୟୁନିଭରସିଟି ନାମ ଲେଖାଯାଇଛି ଏମଏସସିବି ବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ୟୁନିଭରସିଟି ମାତ୍ର ଆଇଡିନ୍ଟି କାର୍ଡ ରେ ଲେଖା ଅଛି ଉତର ଓଡିଶା ୟୁନିଭରସିଟି । ତେଣୁ ସେମାନେ ଜାଣି ପାରୁ ନାହାନ୍ତି ଯେ ସେମାନେ କେଉଁ ୟୁନିଭରସିଟିର ଛାତ୍ର ଛାତ୍ରୀ । ଆହୁରି ମଧ୍ୟ ପ୍ରତି ବିଭାଗରେ ଆବଶ୍ୟକ ସଂଖ୍ୟକ ଫେକଲଟି ବା ଅଧ୍ୟାପକ ନଥିବା ବେଳେ ମାତ୍ର ଦୁଇ ଦୁଇ ଜଣ ଅଧ୍ୟାପକ ରେ କାମ ଚାଲିଛି । ପ୍ରକ୍ଟିକାଲ ହେଉ ନାହିଁ । ଭଲ ଲାଇବ୍ରେରୀ ଟିଏ ମଧ୍ୟ ନାହିଁ । ତାହା ଯେଉଁଠାରେ ବା ଅଛି ସେଠାକୁ ଯିବାକୁ ରାସ୍ତା ଖଣ୍ଡିଏ ମଧ୍ୟ ନାହିଁ । ପ୍ରୋଜେକ୍ଟ ଫିସ ନା ରେ ପିଲା ଙ୍କ ଠାରୁ ପଇସା ଆଦାୟ ହେଉଛି ସତ ହେଲେ କିଛି ବି ପ୍ରୋଜେକ୍ଟ କରାଯାଉନାହିଁ । ଆହୁରି ମଧ୍ୟ ୟୁନିଭରସିଟି ଟି ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ରାସ୍ତାରେ ଟ୍ରକ ପାର୍କି ହେଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଛାତ୍ର ଛାତ୍ରୀ ଗୁରୁତର ହେଉଛନ୍ତି । କ୍ୟାମ୍ପସ ପାଖ ଆସାମାଜିକ ବ୍ୟକ୍ତି ଙ୍କର ଆଡ୍ଡା ସ୍ଥଳୀ ପାଲଟିଛି । ଯେଉଁଥି ପାଇଁ ଛାତ୍ରୀ ମାନେ ଯିବା ଆସିବା କରିବାକୁ ନିରାପଦ ମଣୁ ନାହାନ୍ତି । ଏହିପରି ଛାତ୍ର ମାନଙ୍କ ମଧ୍ୟ ରହିଛି ଅନେକ ସମାସ୍ୟା ଆଉ ଏ ସମାସ୍ୟା ପୁଣି ଦିନେ କି ଦୁଇ ଦିନର ନୁହେଁ ବଂର ତାହା ବର୍ଷ ବର୍ଷ ର । ଏହାର ସମାଧାନ ପାଇଁ ପୂର୍ବତନ ଛାତ୍ର ଛାତ୍ରୀ ମାନଙ୍କ ଅମଳରୁ ଆଜି ପର୍ଯ୍ୟନ୍ତ ଅନେକବାର ଭାଇସ ଚାନ୍ସଲର ଙ୍କ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀ ସମସ୍ତ ଙ୍କୁ ଜଣାଇବା ସହ ଧାରଣା , ଧର୍ମଘଟ ବିକ୍ଷୋଭ ଆଦି ହୋଇ ଆସୁଥିଲେ ସୁଦ୍ଧା ଫଳ ଘର ଅଦ୍ୟବଧି ଶୂନ୍ୟ ରହିଛି ବୋଲି କହିଛନ୍ତି ହିମାନୀ ପରିଡା , ବିଶ୍ୱରୂପା ନାଏକ , ମଦନ ମୋହନ ପାଣିଗ୍ରାହୀ , ସନ୍ତୋଷ କୁମାର ଜେନା ପ୍ରମୁଖ ଛାତ୍ର ଛାତ୍ରୀ । ତେଣୁ ଏବେ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଛାତ୍ର ଛାତ୍ରୀ ମାନେ ଚେତାବନୀ ଦେଇଛନ୍ତି । ଏହି ସମାସ୍ୟା ସଂମ୍ପର୍କରେ ୟୁନିଭରସିଟି ର ନିର୍ଦ୍ଦେଶକ ଡଃ ବବୁରୁ ବାହାନ ମହାଗାତ୍ର ସ୍ୱୀକାର କରିବା ସହ ଏଥି ପ୍ରତି ଅବଶ୍ୟ ସଚେତନ ଥିବା କହିଛନ୍ତି । ଏପରିକି ତିନି ବର୍ଷ ହେବ ସମସ୍ୟା ରହିଥିବା କଥା କୁ ମଧ୍ୟ ସ୍ୱୀକାର କରିଛନ୍ତି । ଆହୁରି ମଧ୍ୟ ଏହି ସମସ୍ୟା ପାଇ ତାଙ୍କୁ ମଧ୍ୟ ଅନେକ ଅସୁବିଧା ହେଉଥିବା କଥାକୁ ସ୍ୱୀକାର କରିବା ସହ ପ୍ରଶାସନ କୁ ସମସ୍ୟା ସମ୍ପର୍କରେ ସବୁ ବେଳେ ଅବଗତ କରାଯାଇ ଆସୁଥିବା କହିବା ସହ ଅବ୍ୟ ପକ୍ଷରେ ପିଲା ମାନେ ଧର୍ଯ୍ୟ ରଖିବାକୁ ସେ ଛାତ୍ର ଛାତ୍ରୀ ମାନଙ୍କୁ ଅନୁରୋଧ କରିଛନ୍ତି ।

# ଛତା ମାଖନା ପ୍ୟାକ୍ସ ଶୁଭାରମ୍ଭ

ବଲାଙ୍ଗିର,୧୦/୧୨ (ନି.ପ୍ର): ସାରା ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି । ସେହି ପ୍ରରିପ୍ରେକ୍ଷୀରେ ବୁଧବାର ଦିନ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅଧିନସ୍ଥ ଛତାମଖନା ଠାରେ ପ୍ୟକ୍ସ ଉଦଘାଟିତ ହୋଇଯାଇଛି । ପ୍ୟାକ୍ସର ପୂର୍ବତନ ସଭାପତି ସ୍ମାରକ ରଞ୍ଜନ ମିଶ୍ର ବିଧିବଦ୍ଧ ଭାବେ ପ୍ୟାକ୍ସର ଶୁଭ ଉଦଘାଟନ କରିଥିଲେ । ସେ ନିଜର ଉଦଘାଟନୀ ଅଭିଭାଷଣରେ କହିଥିଲେ ଯେ, ସରକାରଙ୍କ ତମାମ ପ୍ରସ୍ତୁତ ସତ୍ତ୍ୱେ ଚାଷୀକୁଳ ତାଙ୍କର ରକ୍ତ ଝାଳ ଦେଇ ସଂଚିଥିବା ଫସଲର ଉଚିତ ମୂଲ୍ୟ ପାଇ ପାରୁ ନାହାନ୍ତି । କେତେବେଳେ ଭୁଲ୍ ସରକାରୀ ନୀତି, କେତେବେଳେ ଧାନ ସଂଗ୍ରହ ବ୍ୟବସ୍ଥା ତ ଆଉ କେତେବେଳେ ଲାଭଖୋର ମିଲ୍ ମାଲିକମାନେ ଚାଷୀର କଷ୍ଟ ଅର୍ଜିତ ଫସଲ ମୂଲ୍ୟର ଅର୍ଥ ବାଟମାରଣ କରୁଛନ୍ତି । ସେ ଯାହ ହେଉ ଏଭଳି ସ୍ଥିତିର ମୁକାବିଲା ଲାଗି ଏଥର ସରକାର ତଥା ପ୍ରଶାସନ ବିଭିନ୍ନ ନୂତନ ବ୍ୟବସ୍ଥା ଲାଗୁ କରିଛନ୍ତି । ଯାହାଦ୍ୱାରା ଚାଷୀମାନେ ସହଜରେ ତାଙ୍କର ଅମଳ ମୂଲ ପାଇ ପାରିବେ । ଏଭଳି ସ୍ଥିତିରେ ସରକାର ତଥା ପ୍ରଶାସନର ଲକ୍ଷ ପୂରଣ କରିବାକୁ ହେଲେ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ସହୃଦୟତା ଓ ସଚେଟତାର ସହ କାମ କରିବାକୁ ହେବ ବୋଲି କହିଥିଲେ । ସେହିପରି ପ୍ୟାକ୍ସ ସଂପାଦକ ଏ ବର୍ଷ ଧାନ କିଣା ବ୍ୟବସ୍ଥାର ଏକ ବିସ୍ତୃତ ବୀବରଣୀ ପ୍ରଦାନ କରିବା ସହ ପ୍ୟାକ୍ସ ପରିସରରେ କୌଣସି ପ୍ରକାର ଦୁର୍ନୀତି ରୋକିବା ପାଇଁ ସିସିଟିଭିର ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ । ତେବେ ଛତାମଖନା ପଚାଂୟତକୁ ଛାଡି ଦେଲେ ଏହି ପ୍ୟାକ୍ସ ଉପରେ ଶିକେଭେଙ୍ଗା ଓ ଚାରବାହାଲି ଅଂଚଳର ଚାଷୀମାନେ ନିର୍ଭର କରୁଥିବା ବେଳେ ଖରା ବର୍ଷା ଦାଉରୁ ସେମାନଙ୍କ ଧାନ ମଧ ସୁରକ୍ଷିତ ରଖାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ପ୍ୟାକ୍ସ ସଂପାଦକ ପ୍ରକାଶ କରିବା ସହ ସଭା ସାଙ୍ଗ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଶେଷଦେବ ବଗର୍ତି, ସୁଶାନ୍ତ ପାତ୍ର, ଦିଲିପ ପାତ୍ର, କୁଶଲେ ସାହୁ ଓ କୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଙ୍ଗନବାଡି କେନ୍ଦ୍ର ନିର୍ମାଣକୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ

## ସମାଧାନ ପାଇଁ ଡାକିଦେଇ ପହଂଚିଲେନି ବିଭାଗୀୟ ଅଧିକାରୀ

କନ୍ଧମାଳ,୧୦/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ପଂଚାୟତ ରେ ଏକ ନୁତନ ଅଙ୍ଗନବାଦି କେନ୍ଦ୍ର ନିର୍ମାଣ କୁ ନେଇ ଦୁଇଟି ଗାଁ ମଧ୍ୟରେ ବିବାଦ ଦେଖାଦେଇଛି । ଦିର୍ଘଦିନ ହେଲା ବିବାଦ ଲାଗିରହିଥିବା ବେଳେ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି ଫିରିଙ୍ଗିଆ ସମନ୍ୱିତ ଶିଶୁବିକାଶ ବିଭାଗ । ଅନ୍ୟପଟେ ସମସ୍ୟାର ସମାଧାନ କରିବାକୁ ଉଭୟ ଗାଁ ର ଗ୍ରାମବାସୀ ମାନଙ୍କୁ ଡକାଇ ବିଭାଗର କୌଣଷି ଅଧିକାରି ଉପସ୍ଥିତି ନରହିବା ଗ୍ରାମବାସୀ ମାନଙ୍କ ମଧ୍ୟରେ ତୀବ୍ର ଉତେଜନା ଦେଖାଦେଇଛି । ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପସାହି ପଂଚାୟତରେ । ସୂଚନା ଅନୁସାରେ ଏହି ପଂଚାୟତ ର ୯ ନମ୍ବର ୱାର୍ଡ, ସିକେରି ଠାରେ ପୂର୍ବରୁ ଏକ ଅଙ୍ଗନବାଡି କେନ୍ଦ୍ର ରହିଛି । ଏହି କେନ୍ଦ୍ରକୁ ଯିବାପାଇଁ ପାଖଆଖର କିଛି ଗ୍ରାମର ପିଲାଙ୍କୁ ଅସୁବିଧା ହେଉଥିବାରୁ କାଲିକୁଟି ଗାଁ ରେ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ନିଷ୍ପତି ନିଆଯାଇଛି । ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଏହି ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଅବଶ୍ୟକୀୟ ଜନସଂଖ୍ୟା ହେଉନଥିବାରୁ ପୁରୁଣା ସିକେରି ଅଧିନରେ ଥିବା ଡେଡିସରୁ , ମାଦାପାଙ୍ଗା ଓ ମାର୍କାଲି ଗାଁ କୁ ଏହି ନୂତନ କେନ୍ଦ୍ର ରେ ମିଶାଇବା ପାଇଁ ସ୍ଥିର କରାଯାଇଛି । ଏଥିରେ ରାଜି ହେଉନାହାଁନ୍ତି ଏହି ଗାଁ ର ଗ୍ରାମବାସୀ ମାନେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଡେଡିସାରୁ ଠାରୁ କାଲିକୁଟି ଗାଁ ର ଦୁରତା ପ୍ରାୟ ୨ କିଲୋମିଟର ଦୁର । ସେଠାକୁ ଯିବାକୁ ହେଲେ ଗ୍ରାମବାସୀଙ୍କୁ ଦୁଇଟି ନାଳ ପାରହୋଇ ଯିବାକୁ ପଡିଥାଏ । ତେଣୁ ଏହି କାଲିକୁଟି ଗାଁ କୁ ସିକେରି କେନ୍ଦ୍ର ଅଧିନରେ ରଖିବା ପାଇଁ ସେମାନେ ଦାବି କରିଛନ୍ତି । ଆଗାମୀ ଦିନରେ ଏହି ଦାବି ପୁରଣ ନହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ମଧ୍ୟ ଧମକ ଦେଇଛନ୍ତି । ଅନ୍ୟପଟେ ସମସ୍ୟାର ସମାଧାନ କରିବା ପାଇଁ ବୁଧବାର ସମନ୍ୱିତ ଶିଶୁ ବିକାଶ ବିଭାଗ ର ଦାୟିତ୍ୱରେ ଥିବା ସିଡିପିଓ ଓ ସୁପରଭାଇଜର ତରଫରୁ ଏହି ଗ୍ରାମବାସୀ ମାନଙ୍କୁ ଟାମଟିଙ୍ଗିଆ ଗାଁକୁ ଡକାଯାଇଥିଲା। କିନ୍ତୁ ଗ୍ରାମବାସୀ ଦିନ ୧୦ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଡାକାଯାଇଥିବା ଗାଁ କୁ ଆସି ଜଗିରହିଥିବା ବେଳେ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କୌଣଷି ଅଧିକାରି ପହଂଚି ନଥିଲେ । ଯାହା ପାଇଁ ଗ୍ରାମବାସୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଅଧିକାରୀ ମାନଙ୍କ ଏଭଳି ଖାମଖିଆଲି କାର୍ଯ୍ୟକଳାପକୁ ଗ୍ରାମବାସୀ ନାପସନ୍ଦ କରିଛନ୍ତି । ଏହି ଘଟଣା ବିଷୟରେ ଫିରିଙ୍ଗିଆ ବ୍ଲକ ଦାୟୀତ୍ୱରେ ଥିବା ସିଡିପିଓ ହରପ୍ରିୟା ମେହେରଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱିକାର କରିବା ସହ ରାସ୍ତା ଖରାପ ଥିବାରୁ ସେହି ଗାଁ କୁ ଯିବା ସମ୍ଭବ ହୋଇପାରିଲା ନାହିଁକହିବା ସହ । ଅଳ୍ପ ଦିନ ମଧ୍ୟରେ ଗ୍ରାମବାସୀ ଙ୍କ ସହ ଆଲେଚନା କରାଯାଇ ସମାସ୍ୟା ର ସମାଧାନ କରିବା ସହ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି ।

# ଜାଲ୍ ପ୍ରମାଣପତ୍ର ଦେଇ ବିଦ୍ୟୁତ ବିଭାଗରେ ଚାକିରି ଅଭିଯୋଗ

ବଲାଙ୍ଗୀର,୧୦/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଜାଲ୍ ପ୍ରମାଣପତ୍ର ଦେଇ ଅଯୋଗ୍ୟ ଚାକିରି ହାତେଇଥିବା ବେଳେ ଯୋଗ୍ୟ ପ୍ରାର୍ଥୀ ଏଥିରେ ବାଦ୍ ପଡିଥିବାର ଅଭିଯୋଗ ହୋଇଛି । ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ କରମତୁଲା ଗ୍ରାମରେ ଜୁଲାଇ ୨୦୨୧ ରେ ୩୩/୧୧ କେଭିର ଏକ ବିଦ୍ୟୁତ୍ ଗ୍ରୀଡ ସ୍ଥାପିତ ହୋଇଥିଲା । ଓଡ଼ିଶା ଶକ୍ତି ବିଭାଗ ଦ୍ୱାରା ଏହାର ସ୍ଥାପନ ହୋଇଥିବା ବେଳେ ଏଥିରେ ସାତ ଜଣ କର୍ମଚାରୀଙ୍କୁ ନିଯୁକ୍ତି ମିଳିଥିଲା । ତେବେ ଟାଟା ପାୱାର ଅଧୀନରେ ଏହା ଥିବାବେଳେ ସୂରୟା ଇଲେକ୍ଟ୍ରିକାଲ କମ୍ପାନୀ ଜରିଆରେ ଏହି ସାତ ଜଣଙ୍କ ନିଯୁକ୍ତି ହୋଇଥିଲା । ତେବେ ଏଥିରେ ଜାଲ୍ ପ୍ରମାଣପତ୍ର ଦେଇ ଜଣେ ଅଯୋଗ୍ୟ ପ୍ରାର୍ଥୀ ଚାକିରି ହାତେଇଥିବାର ଅଭିଯୋଗ ହୋଇଛି । ଏଠାରେ ଦୁଷ୍ମନ୍ତ ସାହୁ ଲାଇନ୍ ମେନ୍ ଭାବରେ କାମ କରୁଥିବା ବେଳେ ସେ ଅନ୍ୟ ଜଣକର ଆଇଟିଆଇ ପ୍ରମାଣପତ୍ର ଦେଇ ଚାକିରି କରୁଥିବାର ଜଣାପଡ଼ିଛି । ତେବେ ସେ ଦେଇଥିବା ପ୍ରମାଣପତ୍ରଟି ମୋହନ ଗିରି ନାମରେ ଥିବାବେଳେ ତାଙ୍କ ବଦଳରେ ସେ କେମିତି ଏହି ଚାକିରି ପାଇଲେ ତାହା ଅନେକରେ ପ୍ରଶ୍ନ ସୃଷ୍ଟି କରିଛି । ସେପଟେ ଏହାକୁ ନେଇ ଗ୍ରାମବାସୀ ଓ ଆଦିବାସୀ ସଂଘ ଆନ୍ଦୋଳନ କରିବା ଶହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅନ୍ୟପଟେ ସମ୍ପୃକ୍ତ କର୍ମଚାରୀ ଜଣକ ଏହା ସ୍ୱୀକାର କରିଥିବା ବେଳେ ଭୁବନେଶ୍ୱରର ଏକ ସଂସ୍ଥା ତାଙ୍କୁ ଏହି ପ୍ରମାଣପତ୍ର ଦେଇଥିବାର ସେ କହିଛନ୍ତି ।

# ସମଲେଶ୍ୱରୀ ମନ୍ଦିର ପାଇଁ ଦେବୋତର ଆୟୁକ୍ତ ଦଶ ଲକ୍ଷ ମଞ୍ଜୁର କଲେ

ବଲାଙ୍ଗିର,୧୦/୧୨ (ନି.ପ୍ର): ବଲାଙ୍ଗିର ସହରର ପ୍ରସିଦ୍ଧ ମା' ସମଲେଶ୍ୱରୀ ମନ୍ଦିରର ମରାମତି କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ଦେବୋତର ଆୟୁକ୍ତ ମଞ୍ଜୁର କରିଥିବା ତଥା ବିଧାନସଭାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଲିଖିତ ଉତରରୁ ଜଣାପଡିଛି । ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କର ଲିଖିତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ, ବଲାଙ୍ଗିର ଉପଜିଲ୍ଲାପାଳ ତଥା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ମନ୍ଦିର ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ପାଇଁ କରାଯାଇଥିବା ୧୦ ଲକ୍ଷ ଟଙ୍କାର ସୁପାରିଶକୁ ଦେବୋତର ଆୟୁକ୍ତ ମଞ୍ଜୁର କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଅଦ୍ୟାବଧି ୭୬୮ଟି ମନ୍ଦିର ଓ ୧୬ ଗୋଟି ମଠ ଦେବୋତର ବିଭାଗ ଦ୍ୱାରା ପରିଚାଳନା ହେଉଛି । ଏହି ମନ୍ଦିର ଓ ମଠ ଗୁଡିକର ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର କରିବା ପାଇଁ ବଲାଙ୍ଗିର ଉପଜିଲ୍ଲାପାଳ ତଥା ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନଥିବା କଥା ମଧ ମନ୍ତ୍ରୀ ଜେନାଙ୍କ ଉତ୍ତରରେ ରହିଛି । ଏହି ତଥ୍ୟ ଜଣାପଡିବା ପରେ ବଲାଙ୍ଗିର ଦେବାଳୟ ଓ ପବିତ୍ର ପୀଠ ସୁରକ୍ଷା କମିଟି ପ୍ରତିକ୍ରିୟା ପ୍ରକାଶ କରିଛି । ଭବ୍ୟ ସମଲେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ଓ ନବ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ସମୁଦ୍ରକୁ ଶଙ୍ଖେ ବୋଲି କମିଟି ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜିଲ୍ଲାର ଅନ୍ୟ ସମସ୍ତ ଦେବାଳୟ ଓ ପୁରାତନ ମଠ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ପ୍ରଶାସନ ଏସବୁର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବର୍ତମାନ ପର୍ଯ୍ୟନ୍ତ ସୁପାରିଶ ପତ୍ର ପଠାଇ ନ ଥିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କୁହାଯାଇଛି । ମନ୍ଦିରଗୁଡିକ ଭୂଷୁଡି ପଡିବା ପରେ ମରାମତି ପାଇଁ ସୁପାରିଶ କରିବା ଜିଲ୍ଲାବାସୀଙ୍କ ଧାର୍ମିକ ଓ ସାଂସ୍କୃତିକ ଭାବନା ପ୍ରତି ଶକ୍ତ ଆଘାତ ବୋଲି କମିଟି କହିଛି । କମିଟିର ଶୁଭମ ଅଗ୍ରୱାଲ, ଅଙ୍କୁଶ ପାଣ୍ଡିଆ, କାହ୍ନା ଶତପଥୀ, ପ୍ରଶାନ୍ତ ମହାକୁର, ବିନୋଦ କାଲସାଏ, ବିକାଶ ସା, ଅଭିଷେକ ଦାଶ, ସଞ୍ଜୟ ସାହୁ କମିଟି ନିଷ୍ପତି କ୍ରମେ ଏହି ସପ୍ତାହ ମଧରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଏହି ବିବୃତି ରେ କହିଛନ୍ତି ।

# ବିଶ୍ୱ ଦିବ୍ୟ ଜୀବନ ସଂଘ ପୁରୀ ଶାଖାର ୪୧ତମ ପ୍ରତିଷ୍ଠା ଦିବସ

ପୁରୀ,୧୦/୧୨ (ନି.ପ୍ର): ବିଶ୍ୱ ଦିବ୍ୟ ଜୀବନ ସଂଘ ପୁରୀ ଶାଖାର ୪୧ତମ ପ୍ରତିଷ୍ଠା ଦିବସ କଚେରୀ ନିକଟ ଆଶ୍ରମ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଆଧାତ୍ମିକ ସତସଙ୍ଗ, ଗୁରୁ ପାଦପୂଜା, ସ୍ୱତି ବାଚନ ଓ ଭଜନ କୀର୍ତନ ଅନୁଷ୍ଠିତ ହୋଇଥିଲା । ସତସଙ୍ଗ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସନ୍ୟାସୀ ପୂଜ୍ୟ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଯୋଗଦେଇ ଶୃଙ୍ଖଳିତ ଜୀବନ, ଭାଗବତ ପଠନ ଉପରେ ଗୁରୁତ୍ୱ ଦେଇଥିଲେ । ସତଜୀବନ ନିର୍ବାହ ପାଇଁ ଦିବ୍ୟ ଜୀବନ ସଂଘ ପ୍ରତିଷ୍ଠା ହୋଇଥିଲା ବୋଲି ମହାରାଜ କହିଥିଲେ । ସମାଜର ସେବା, ପ୍ରେମ, ଦାନ, ପବିତ୍ରତା ଓ ଧ୍ୟାନ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ହୃଷିକେଶ ସ୍ଥିତ ମୁଖ୍ୟ ଆଶ୍ରମର ସ୍ୱାମୀ ସୁଦର୍ଶନା ନନ୍ଦ ସରସ୍ୱତୀ, ବାଲିଗୁଆଲି ଆଶ୍ରମର ସ୍ୱାମୀ ଜିତ୍ ମହାନନ୍ଦଜୀ, ନାରାୟଣ ଅର୍ପଣ ନନ୍ଦଜୀ, ଶିବପ୍ରିୟା ନନ୍ଦଜୀ, ପ୍ରବଚକ ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଦିବ୍ୟ ବଚନ ଶୁଣାଇଥିଲେ । ପୁରୀ ଆଶ୍ରମର ସଭାପତି ପ୍ରଫେସର ପ୍ରଭାତରଞ୍ଜନ ମହାପାତ୍ର ସଭାରେ ସଭାପତିତ୍ୱ କରିଥିଲେ ।

# ପୁରୀରେ ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ ଗ୍ରୀନ ସିଗିନାଲ

ପୁରୀ,୧୦/୧୨ (ନି.ପ୍ର): ଶ୍ରୀକ୍ଷେତ୍ର ହେବ ବିଶ୍ୱ ଐତିହ୍ୟ ସହର । ବିଶ୍ୱର ଧାର୍ମିକ କ୍ଷେତ୍ରଭାବେ ପୁରୀ ପରିଚିତ । ପର୍ଯ୍ୟଟନ କ୍ଷେତ୍ର ଭାବେ ମଧ ପୁରୀ ବିଶ୍ୱ ମାନଚିତ୍ରରେ ପ୍ରମୁଖ ସ୍ଥାନ ଅଧିକାର କରିଛି । ସାରା ବିଶ୍ୱରୁ ପର୍ଯ୍ୟଟକମାନେ ପୁରୀ ଆସିବା ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରି ବିଭିନ୍ନ ଯାନବାହନ ଯୋଗେ ପୁରୀ ଆସୁଛନ୍ତି । ଏୟାରପୋର୍ଟ ସମୟ ଅନୁସାରେ ପୁରୀରୁ ଭୁବନେଶ୍ୱର ଯାଇ ପହଂଚିବା କଷ୍ଟ ସାଧ ହେଉଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ପ୍ରତି ସ୍ୱତନ୍ତ୍ର ଧ୍ୟାନଦେଇ ପୁରୀକୁ ଐତିହ୍ୟ ସହର ଭାବେ ଗଢିତୋଳିବା ପାଇଁ ସ୍ୱପ୍ନ ଦେଖିଛନ୍ତି । ସେଥିପାଇଁ ପୁରୀରେ ଗ୍ରୀନ ଫିଲ୍ଡ ଏୟାର ପୋର୍ଟ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପୁରୀ ବିମାନବନ୍ଦର ପାଇଁ ଗ୍ରୀନ୍ ସିଗନାଲ ଦେଇଛନ୍ତି । ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ ଜଙ୍ଗଲ ଓ ଜୈବ ବିବିଧତାକୁ ରକ୍ଷା କରାଯିବ । ଜମି ଚିହ୍ନଟ ସରିଥିବା ବେଳେ ଏୟାରପୋର୍ଟ ଅଥରିଟ ଅଫ ଇଣ୍ଡିଆ ଏ ସମ୍ପର୍କରେ ରିପୋର୍ଟ ଦେଇଛନ୍ତି । ଘରୋଇ ଜମି ଗୁଡ଼ିକ ନୂଆ ଜମି ଅଧିଗ୍ରହଣ ପଲିସିରେ ଅଧିଗ୍ରହଣ କରାଯିବ । ବିମାନ ବନ୍ଦର ହେଲେ ପର୍ଯ୍ୟଟନ ଶିଳ୍ପ ସୁଦୃଢ଼ ହେବ ।

# ୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି,୧୦/୧୨ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୁଲିସ ଏବଂ ମାଲକାନଗିରି ଜିଲା ଅବକାରୀ ବିଭାଗ ମିଳିତ ଭାବେ ବଡ଼ପଦର ପଂଚାୟତର କମାରଗୁଡ଼ା ଏବଂ ପଳାସପଦର ଗ୍ରାମରେ ଲଗାଯାଇଥିବା ବହୁ ପରିମାଣର ବେଆଇନ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛନ୍ତି । ବେଆଇନ ଭାବରେ ଗଞ୍ଜେଇ ଚାଷ କରୁଥିବା ଚାଷୀଙ୍କ ମଧରେ ଭୟର ଆତଙ୍କ ଖେଳିଯାଇଛି !

# ପୌର ନିର୍ବାଚନ ବିଗୁଲ ବାଜିଲା : ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ ହେଲା

## ୱାର୍ଡ ଓ ବୁଥ୍ ସଂଖ୍ୟା ଅପରିବର୍ତ୍ତିତ ରହିଲା

ଭୁବନ,୧୦/୧୨ (ନି.ପ୍ର): ଦୀର୍ଘ ୩ ବର୍ଷର ଅପେକ୍ଷା ପରେ ସମସ୍ତ କଳ୍ପନା ଜଳ୍ପନା ଓ ପ୍ରତୀକ୍ଷାର ଅନ୍ତ ଘଟାଇ ସରକାର ପୌର ନିର୍ବାଚନ ସକାଶେ ପ୍ରସ୍ତୁତ ହୋଇଛନ୍ତି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ହେବାକୁ ନିଷ୍ପତି ହୋଇଛି । ଏଥିସକାଶେ ପ୍ରାରମ୍ଭିକ କାର୍ଯ୍ୟ ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ତାଲିକା ପ୍ରସ୍ତୁତ ହୋଇ ଲୋକଙ୍କ ଅଭିଯୋଗ ଶୁଣାଣି ପରେ ଚୁଡାନ୍ତ ତାଲିକା ପ୍ରକାଶ ପାଇଛି । ପୂର୍ବଥର ଭଳିଚଳିତ ଥର ମଧ ଭୁବନ ଏନଏସିରେ ୱାର୍ଡସଂଖ୍ୟା ଓ ବୁଥ ସଂଖ୍ୟା ଅପରିବର୍ତିତ ରହିଛି । ୧୫ ଟି ୱାର୍ଡ ଓ ୧୮ ଟିବୁଥରେସମୁଦାୟ ୨୨୧୮୭ ଜଣ ଭୋଟରଭୋଟ ଦେବେ । ୱାର୍ଡ ସଂରକ୍ଷଣ ଚୁଡାନ୍ତ ତାଲିକା ଅନୁଯାୟୀ ୱାର୍ଡ ନଂ ୧ ଅନୁସୂଚିତ ଜାତି, ୱାର୍ଡ ନଂ ୧୦ ଅନୁସୂଚିତ ଜାତି ମହିଳା, ୱାର୍ଡ ନଂ ୧୫ ଅନୁସୂଚିତ ଜନଜାତି ମହିଳା, ୱାର୍ଡ ନଂ ୯ ଓ ୧୩ ପଛୁଆ ବର୍ଗ, ୱାର୍ଡ ନଂ ୩ ଓ ୮ ପଛୁଆବର୍ଗ ମହିଳା, ୱାର୍ଡ ନଂ ୪,୧୧,୧୨ ଓ ୧୪ ମହିଳା ଏବଂ ୱାର୍ଡ ନଂ ୨,୫,୬ ଓ ୭ ଅଣସଂରକ୍ଷଣ ରହିଛି । ୧ ନମ୍ବର ୱାର୍ଡରେ ଜଣେହେଲେ ଅନୁସୂଚିତ ଜନଜାତି ବର୍ଗରବ୍ୟକ୍ତି ନଥିବାବେଳେଏହି ୱାର୍ଡକୁ ବାରମ୍ବାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇ ଚଳିତ ଥର ପୁନର୍ବାର ଅନୁସୂଚିତ ଜାତି ପାଇଁ ସଂରକ୍ଷଣ କରାଯାଇ ଥିବାରୁ ୱାର୍ଡବାସୀନ୍ଦାଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୱାର୍ଡ ସଂରକ୍ଷଣ ପରେ ବିଭିନ୍ନ ୱାର୍ଡରେ ଆଶାୟୀ ପ୍ରାର୍ଥୀମାନେ ଏବେଠାରୁ ଲୋକଙ୍କ ସହ ସଂପର୍କ ଯୋଡିବା ଆରମ୍ଭ କରିଦେଲେଣି । ୧୯୯୨ ପରେ ଦ୍ୱିତୀୟଥର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବାରୁ ଲୋକଙ୍କ ମଧରେ ଉତ୍ସାହ ପରିଲକ୍ଷିତ ହେଉଥିବାବେଳେ ଏନଏସି ଅଧକ୍ଷ ପଦବୀ ଉପରେ ସବୁ ଦଳର ନେତାଙ୍କର ନଜର ରହିଛି । ଏନଏସି ପ୍ରତିଷ୍ଠା ହେବା ଦିନ ଠାରୁ ଆଜିଯାଏଁ ଏନଏସି ଅଧକ୍ଷ ପଦବୀଟି ଅନୁସୂଚିତ ଜାତି/ଜନଜାତି କିମ୍ବା ପଛୁଆବର୍ଗ ମହିଳାଙ୍କ ନିମନ୍ତେ ସଂରକ୍ଷଣ ହୋଇନଥିବାରୁ ଚଳିତ ଥର ଏହିବର୍ଗଙ୍କ ପାଇଁ ସଂରକ୍ଷଣ ହେବ ବୋଲି ଶୁଣାଯାଉଛି । ଏଥିପାଇଁ ପ୍ରମୁଖ ରାଜନୈତିକ ଦଳର ନେତାଙ୍କର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି ଓ ରିମୋର୍ଟ କଂଟ୍ରୋଲରେ ଶାସନ ଚଳାଇବାକୁ ଯୋଜନାକରି ପ୍ରାର୍ଥୀ ଖୋଜିବାରେ ଲାଗିଛନ୍ତି ।

# ଶ୍ରୀ ଆତ୍ମା ଭଗବାନଙ୍କ ଆନନ୍ଦ ବରଦାନ କାର୍ଯ୍ୟକ୍ରମ

ଧର୍ମଶାଳା,୧୦/୧୨ (ନି.ପ୍ର): ବଂଚିବା ପାଇଁ ଜୀବନରେ ଖୁସି ଅପରିହାର୍ଯ୍ୟ । ଯୁବକମାନେ ଖୁସି ଆନ୍ଦରେ ରହିଲେ ଦେଶର ପ୍ରଗତି ଘଟିବ । ଖୁସିରେ ରହୁଥିବା ବ୍ୟକ୍ତ ସର୍ବଦା ଅବସାଦ ଠାରୁ ରହିଥାଏ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ରାହାମ୍ବା ପଂଚାୟତସ୍ଥ ମିର୍ଜାପୁର ଗ୍ରାମରେ ଅନୁଷ୍ଠିତ ଶ୍ରୀ ଆତ୍ମା ଭଗବାନଙ୍କ ଆନନ୍ଦ ବରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଧାର୍ମୀୟ କାର୍ଯ୍ୟକ୍ରମରେ ଆମା ଭଗବାନଙ୍କ ପ୍ରିୟ ସେବକ ତଥା ଓଡିଶା ଗାଇଡ ବନ୍ଦନା ଦାସଜୀ ଯୋଗ ନେଇ ଭକ୍ତମାନଙ୍କୁ ଏହି ବିଦ୍ୟା ଜ୍ଞାନ ଦେଇଥିଲେ । ମିର୍ଜାପୁର ଗ୍ରାମଠାରେ ଜିଲା ଶ୍ରୀ ପରମଜ୍ୟୋତି ମାନବ ସେବା ସମିତି ପକ୍ଷରୁ ସ୍ଥାନୀୟ ମଧୁବନ ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଦ୍ୱାନ ବ୍ୟକ୍ତି ଯୋଗ ଦେଇ ଗୁରୁମନ୍ତ୍ର ଦେଇଥିଲେ । ଆତ୍ମା ଭଗବାନଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ଶହଶହ ସଂଖ୍ୟାରେ ଭକ୍ତମାନେ ଆଳତି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭୂକୃପା ଲାଭ କରିଥିଲେ । ଜିଲା ସେବକ ପ୍ରଶାନ୍ତ ସାହୁ ଓ ମଧୁବନ ଶାଖା ସେବକ ବ୍ରଜ କିଶୋର ମହାରଣାଙ୍କ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନପୂର୍ଣ୍ଣା ସାହୁ,ବୁନୁ ରଣା,ମୀରା ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଜୟ ମାଁ ସୁବଳେନଶ୍ୱରୀ ଟି-୧୦ ପ୍ରିମିୟର ଲିଗ ଉଦ୍‌ଘାଟିତ

ନୂଆପଡା,୧୦/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରପଦର ଗ୍ରାମର ଖେଳ ପଡିଆ ଠାରେ ବରପଦର ସ୍ପୋର୍ଟସ୍ କ୍ଲବ ଦ୍ୱାରା ଆୟୋଜିତ ଜୟ ମାଁ ସୁବଳେନଶ୍ୱରୀ ଟି-୧୦ ପ୍ରେମିୟର ଲିଗ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍ ?ଘାଟିତ ହୋଇଯାଇଛି । ଉଦ୍ ?ଘାଟନୀ ଉତ୍ସବରେ ମୁଖ୍ୟଅତିଥ ଭାବରେ ଜିଲ୍ଲା ପ୍ରେସ କ୍ଲବ ସଭାପତି ଅଜିତ କୁମାର ପଣ୍ଡା ଯୋଗଦାନ କରି ପୂଜାର୍ଚ୍ଚନା କରି ଫିତା କାଟି ମ୍ୟାଚର ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, ହେମନ୍ତ କୁମାର ବେହେରା, କାହ୍ନୁ ଚରଣ ବେହେରା, ମନୋଜ ବେହେରା ଓ ନକୁଳ ବେହେରା ଯୋଗଦାନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଲୋହରାପାଲି ଓ ଚଟୁଅନକା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଲୋହରାପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୭୮ ରନ ସଂଗ୍ରହ କରି ବିଜୟୀ ହୋଇଥିବା ବେଳେ ଚଟୁଅନକା ଦଳ ସମସ୍ତ ୱିକେଟ ହରାଇ ୭୧ ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ଆଜିର ମ୍ୟାଚରେ ସ୍ପୋର୍ଟ କ୍ଲବର ସଭାପତି ବନବିହାରୀ ବେହେରା, ଉପସଭାପତି କେଦାର ନାଏକ, ସମ୍ପାଦକ ଚିଣ୍ଟୁ ବେହେରା, କୋଷାଧ୍ୟକ୍ଷ ଜ୍ଞାନେନ୍ଦ୍ର ବେହେରା, ଅଲୋକ ରାଉତ, ମଳୟ କୁମାର ବେହେରା, ଆଶିଷ ବେହେରା, ମୁକେଶ ବେହେରା, ଯୁବରାଜ ରାଉତ, ଗୋକୁଳ ବେହେରା, ସୋମ ବେହେରା, ଦେବ ବେହେରା, ରଞ୍ଜନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ରାଜା ବେହେରା ଓ ଚନ୍ଦନ ବେହେରାଙ୍କ ସମେତ ସମସ୍ତ କର୍ମକର୍ତା ନେତୃତ୍ୱ ନେଇ ଖେଳ ପରିଚାଳନା କରିଥିଲେ ।

# ଏରାଙ୍କ ଚିକତ୍ସାରେ ଅର୍ଥ ସାଜିଛି ବାଧକ

ମାଲକାନଗିରି,୧୦/୧୨ (ନି.ପ୍ର): ମାଲକାନଗିରି ବ୍ଲକ ଅନ୍ତର୍ଗତ ପାଲକୋଣ୍ଡା ଗ୍ରାମର ଦେବା ସୋଡ଼ିଙ୍କ ପୁଅ ଏରା ସୋଡ଼ିଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ଗତ ଅକ୍ଟୋବର ମାସରେ ସଡ଼କ ଦୁର୍ଘଟଣାର ଶିକାର ହେବା ପରେ ଏରାଙ୍କ ଶରୀର କାମ କରୁନି । ପରିବାର ଲୋକ ଜମିବାଡ଼ି ବିକ୍ରି କରି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ କରାଇବା ପରେ ମଧ ସେ ସୁସ୍ଥ ହୋଇ ପାରିନାହାନ୍ତି । ଏରା ବର୍ତମାନ ଘରେ ଶଯ୍ୟାଶାୟୀ ଥିବା ବେଳେ ତାଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକ ରହିଛି । ପରିବାର ଲୋକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏରାଙ୍କ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି । ସୂଚନା ଅନୁଯାୟୀ , ଗତ ଅକ୍ଟୋବର ୧୦ ତାରିଖରେ ଏରା ସୋଡ଼ି କୌଣସି କାମରେ ବାଇକ୍ ?ରେ ମାଲକାନଗିରି ଯାଉଥିବା ସମୟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଏରାଙ୍କ ବଡ଼ ଭାଇ ଶାନ୍ତନୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ନେଇ ଚିକିତ୍ସା କରାଇଥିଲେ । କିନ୍ତୁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଏରାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ ! ପରେ ଶାନ୍ତନୁ ଓ ବାପା ଦେବା ସୋଡ଼ି ଏରାଙ୍କୁ କଟକ ବଡ଼ ଡାକ୍ତରଖାନା ନେଇଥିଲେ । ଏରାଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହିବା ପରେ ଟଙ୍କା ଯୋଗାଡ଼ ପାଇଁ ଦେବା ଘରକୁ ଆସିଥିଲେ । ପରେ ନିଜ ଜମିବାଡ଼ି ଓ ଗୃହପାଳିତ ପଶୁ ବିକ୍ରି କରି ପ୍ରାୟ ୪ଲକ୍ଷ ଟଙ୍କା କଟକ ଯାଇଥିଲେ । କିନ୍ତୁ ଲକ୍ଷାଧିକ ଖର୍ଚ୍ଚ ହେବା ପରେ ମଧ ସୁସ୍ଥ ହୋଇ ପାରି ନଥିଲେ । ଅନ୍ୟପଟେ ଚିକିତ୍ସା ପାଇଁ ପୁଣି ଟଙ୍କାର ଆବଶ୍ୟକତା ଥିବା ଡାକ୍ତର କହିଥିଲେ । ତେବେ ଟଙ୍କା ନଥିବାରୁ ପରିବାର ଲୋକ ଏରାଙ୍କୁ ଘରକୁ ଫେରାଇ ଆଣିଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଘର ବାହୁଡ଼ା...

ଦାବି ପୂରଣ ନିମନ୍ତେ ଦୀର୍ଘ ଏକବର୍ଷରୁ ଅଧିକ ସମୟ ଧରି ଶୀତକାକର, ବର୍ଷା ଓ କରୋନା ମହାମାରୀର ପ୍ରଦୁର୍ଭାବ ଭିତରେ ଆନ୍ଦୋଳନ ଚଳାଇ ଆସିଥିବା କୃଷକମାନେ ସେମାନଙ୍କର ଆନ୍ଦୋଳନ ପ୍ରତ୍ୟାହାର କରି ଘରକୁ ଫେରିଯିବା ପାଇଁ ସହମତ ହେବା ଖବର ସମସ୍ତଙ୍କ ପାଇଁ ଆଶ୍ୱସ୍ତିର । ସଂଯୁକ୍ତ କିଷାନ ମୋର୍ଚ୍ଚ(ଏକେଏମ)ର ପ୍ରତିନିଧି ଏବଂ ସରକାରଙ୍କ ମଧ୍ୟରେ ଆଲୋଚନା ପରେ ଏଭଳି ସହମତରେ ପହଞ୍ଚିବା ଅତ୍ୟନ୍ତ ଖୁସିର କଥା। ସହମତର ସର୍ତ୍ତ ଅନୁସାରେ, ଆନ୍ଦୋଳନରତ କୃଷକମାନେ ଡିସେମ୍ବର ୧୧ ତାରିଖ ଠାରୁ ଘରକୁ ଫେରିବା ଆରମ୍ଭ କରିବେ । ଅର୍ଥାତ୍, ସେମାନେ ଏହି ତାରିଖ ସୁଦ୍ଧା ସିଘୁ, ଗାଜିପୁର ଏବଂ ଟିକ୍ରି ସୀମା ପୋଷ୍ଟକୁ ଖାଲି କରିବେ । ରାଜଧାନୀ ଦିଲ୍ଲୀକୁ ପ୍ରବେଶ ନିମନ୍ତେ ଏହିସବୁ ସୀମା ଉତ୍ତର ପ୍ରଦେଶ ଓ ହରିଆନା ସହ ଦିଲ୍ଲୀକୁ ସଂଯୋଗ କରେ । ୨୦୨୦ ନଭେମ୍ବର ମାସଠାରୁ ଏହି ସବୁ ସୀମା ପୋଷ୍ଟ ନିକଟରେ ହଜାର ହଜାର ଆନ୍ଦୋଳନକାରୀ କୃଷକ ତମ୍ବୁ ପକାଇ ବିକ୍ଷୋଭ ପ୍ରଦର୍ଶନ କରିଆସୁଥିଲେ । କାରଣ ସେମାନଙ୍କୁ ରାଜଧାନୀକୁ ପ୍ରବେଶ ନକରାଇଦେବା ନିମନ୍ତେ ଦିଲ୍ଲୀ ପୁଲିସ ପକ୍ଷରୁ ସେଠାରେ ତାରବାଡ଼ ସମେତ ସିମେଣ୍ଟ ପ୍ରାଚୀରମାନ ନିର୍ମାଣ କରାଯାଇଥିଲା । ଇତିମଧ୍ୟରେ ଦିଲ୍ଲୀ ପୁଲିସ ସେହି ସବୁ ପ୍ରତିରୋଧକ ହଟାଇ ନେଇସାରିଛି । ସରକାରଙ୍କ ପକ୍ଷରୁ ତିନିଗୋଟି ପ୍ରବର୍ତ୍ତନ କରାଯାଇଥିବା କୃଷି ଆଇନକୁ ସରକାର ପ୍ରତ୍ୟାହାର କରନ୍ତୁ ଏବଂ ଫସଲ ଉପରେ ଦିଆଯାଉଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ କାଏମ ରଖିବା ଦାବିପରି ଆନ୍ଦୋଳନରତ କୃଷକମାନେ ଏହି ଧର୍ମଘଟ ଚଳାଇ ଆସିଥିଲେ । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ତିନି କୃଷି ଆଇନକୁ । ପ୍ରତ୍ୟାହାର କରାଯିବା ନେଇ ଘୋଷଣା କରିବାପରେ ତାହା ଉପରେ ସଂସଦରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ କରାଯାଇସାରିଛି । ସେହି ଭଳି ସରକାର ଏମଏସପି ବ୍ୟବସ୍ଥାକୁ ଉଚ୍ଛେଦ କରିବେ ନାହିଁ ବୋଲି ମଧ୍ୟ ବାଚନିକ ଏବଂ ଲିଖିତ ପ୍ରତିଶୃତି ପ୍ରଦାନ କରିଛନ୍ତି । ଏହାପରେ ଆନ୍ଦୋଳନରତ କୃଷକ ସଂଘର ପ୍ରତିନିଧ ଏବଂ ସରକାରଙ୍କ ଭିତରେ ଆଲୋଚନା ହୋଇ ଗୁରୁବାର ଦିନ ଏଭଳି ସହମତ ପ୍ରକାଶ ପାଇଛି । ଏମଏସପି କାଏମ ରହିବ ବୋଲି ଲିଖୁତ ପ୍ରତିଶ୍ରୁତି ସହ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ହରିଆଣା, ଦିଲ୍ଲୀ ଓ ଅନ୍ୟାନ୍ୟ ରାଜ୍ୟ ସରକାରମାନେ ଆନ୍ଦୋଳନରତ । କୃଷକମାନଙ୍କ ବିରୁଦ୍ଧରେ କରିଥିବା ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରିନେବାକୁ ମଧ୍ୟ ପ୍ରତିଶୃତି ପ୍ରଦାନ କରିଛନ୍ତି । ଏହା ବ୍ୟତୀତ ଦେଶର କୃଷି ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ଭବିଷ୍ୟତରେ ଯେଉଁ କମିଟି ଗଠନ କରିବେ, ସେଥିରେ ଏକେଏମର ପ୍ରତିନିଧିମାନଙ୍କୁ ସଦସ୍ୟ ରୂପେ ସାମିଲ କରିବାକୁ ସରକାର ରାଜି ହୋଇଛନ୍ତି । ଏଭଳି ଘଟଣାକ୍ରମ ପରେ ପଞ୍ଜାବ ସମେତ ବିଭିନ୍ନ ରାଜ୍ୟର ୩୨ଟି କୃଷକ ସଂଗଠନ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛନ୍ତି । ତେବେ ଗାଜିପୁରଠାରେ ଏକେଏମର ପ୍ରତିନିଧିମାନେ କୃଷକମାନଙ୍କ ନିରାପଦ ଘରବାହୁଡ଼ାକୁ ପରିଚାଳନା କରିବା ଏବଂ ସେହି କାର୍ଯ୍ୟ ଶେଷ ହେବା ପରେ ଆନ୍ଦୋଳନ ସ୍ଥଳ ଛାଡ଼ିବାକୁ କହିଛନ୍ତି ଭାରତୀୟ କିଷାନ ସଂଘ ମୁଖପାତ୍ର ରାକେଶ ଟିକାୟତ । ଉଭୟ ପକ୍ଷଙ୍କ ମଧ୍ୟରେ ଏଭଳି ସହମତକୁ କୌଣସି ଗୋଟିଏ ପକ୍ଷଙ୍କ ବିଜୟ ବୋଲି ବିବେଚନା କରିବା ଅନୁଚିତ । ବରଂ, ଦେଶରେ କିଭଳି କୃଷିର ଉନ୍ନତି ଘଟିବ ଏବଂ କୃଷକମାନେ ଅଧିକ ଲାଭବାନ ହୋଇ ଅଧିକରୁ ଅଧିକ କୃଷି ଉତ୍ପାଦନ କରି ଦେଶକୁ ସମୃଦ୍ଧ କରିବେ ସେଥିରେ ଉଭୟଙ୍କ ମଧ୍ୟରେ ସମନ୍ୱୟର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଏବେ ବିଶ୍ୱର କୃଷି ବ୍ୟାପକ ଭାବେ ବାଧାପ୍ରାପ୍ତ । ତେଣୁ ସରକାର ଏବଂ କୃଷକସଂଘ ମଧ୍ୟରେ ନିୟମିତ ଭାବେ ଭାବ ବିନିମୟ ହେବା ଏବଂ ଉତ୍ପନ୍ନ ସମସ୍ୟାର ସମାଧାନ ଦିଗରେ ଉଭୟ ଅଣ୍ଟାଭିଡ଼ି ବା ଦେଶ ପାଇଁ ଶୁଭଙ୍କର । ଦୀର୍ଘ ଏକବର୍ଷ ମଧ୍ୟରେ ଆନ୍ଦୋଳନରତ କୃଷକମାନଙ୍କୁ ବେଶ୍ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ତାହାର ପ୍ରଭାବ ମଧ୍ୟ କୃଷିକ୍ଷେତ୍ର ଉପରେ ପଡ଼ିଛି । ଏବେ ଯେତେଶୀଘ୍ର ଅବସ୍ଥା ସ୍ୱାଭାବିକ ହେବ ସେତେ ମଙ୍ଗଳ। ତାହା କେବଳ କୃଷକମାନଙ୍କୁ ଯେତିକି ସଶକ୍ତ କରାଇବ ଦେଶର ଅର୍ଥନୀତି ପାଇଁ ସେତିକି ଉପକାରସିଦ୍ଧ ବୋଲି ସାବ୍ୟସ୍ତ ହେବ ।

# ଆମ ରାଜ୍ୟ ବିଧାନସଭା ଚାଲିବ କିପରି ?



ପ୍ରଦୋଷ କୁମାର ଦାସ

ଆମ ରାଜ୍ୟ ବିଧାନସଭାରେ କେତେକ ପ୍ରସଂଗ ଉପରେ ପଚରାଯାଉଥିବା ପ୍ରଶ୍ନର ଉତ୍ତର ଶାସକଦଳ ପକ୍ଷରୁ କାଳେ ଏଡାଇଯାଉଥିବା ଏବେ ଚର୍ଚ୍ଚା ଚାଲିଛି। ଏହା ସତ୍ୟ ହୋଇଥିଲେ ରାଜ୍ୟ ହିତାକାଂକ୍ଷୀ ପରିଚାୟକ ନୁହେଁ ବୋଲି ବିଚାରିବାକୁ ହେବ। ନିକଟରେ ଶାସକ ଦଳର ଜନୈକ ମାନ୍ୟବର ବିଧାୟକଙ୍କ ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କାର କ୍ଷେତ୍ରରେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଓ ଏହା ଉପରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା କିପ୍ରକାର ଆବଶ୍ୟକ ପଦକ୍ଷେପ ପ୍ରସଂଗ ଉପରେ ତଥ୍ୟ ରଖିବାକୁ ନିବେଦନ ସହ ବିଧାନସଭାରେ ପ୍ରଶ୍ନ କରିଥିଲେ । ବାସ୍ତବରେ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ କେବେ ଓ କିପ୍ରକାର ପାଳନ ହେବ ବୋଲି ତଥ୍ୟ ନିଶ୍ଚୟ ରାଜ୍ୟ ଆଇନ ବିଭାଗ ପାଖରେ ରହିଥିବା ସ୍ୱାଭାବିକ୍ ।ହେଲେ ଏହା ଉପରେ ଉତ୍ତର ରଖିଥିବା ମାନ୍ୟବର ମନ୍ତ୍ରୀ ଏହି ପ୍ରସଂଗରେ ତଥ୍ୟ ସଂଗ୍ରହ କରାଯାଉଥିବା ଉତ୍ତର ରଖିଥିଲେ। ସେହିପରି ଅନଲାଇନ ଶିଶୁ ଯୌନ ନିର୍ଯ୍ୟାତନା ଉପରେ ବିରୋଧୀଦଳର ମାନ୍ୟବର ମୁଖ୍ୟ ସଚେତକ ପଚାରିଥିବା ପ୍ରଶ୍ନର ଉତ୍ତରରେ ତଥ୍ୟ ସଂଗ୍ରହ କରାଯାଉଥିବା ମଧ୍ୟ ଶାସକଦଳ ପକ୍ଷରୁ ଉତ୍ତର ରଖାଯାଇଥିବା ଅଭାଯୋଗ ଉଠୁଛି। ତଥ୍ୟ ସଂଗ୍ରହ ଆଳରେ ଅନେକ ତଥ୍ୟର ଉତ୍ତର ଶାସକ ଦଳ ପକ୍ଷରୁ କାଳେ ଲୁଚାଯାଉଥିବା ବିରୋଧୀଦଳଙ୍କ ପକ୍ଷରୁ ଅଭିଯୋଗ ଉଠୁଛି। ତେବେ ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ଏହିକିଯେ ବିଧାନସଭାରେ ପଚରାଯାଉଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଶ୍ନକର୍ତ୍ତା ମାନ୍ୟବର ସଦସ୍ୟଙ୍କୁ ମିଳିବା ବିଧେୟ।ଏକ୍ଷେତ୍ରରେ ଉପୁଜିଥିବା ସମସ୍ୟା ସଂପର୍କରେ ଉତ୍ତରପାଉନଥିବା ମାନ୍ୟବର ପ୍ରଶ୍ନକର୍ତ୍ତା ସଦସ୍ୟ ବିଧାନସଭା ଆସ୍ୟୁରାନ୍ସ କମିଟି ଦୃଷ୍ଟିକୁ ଅଣାଯାଇପାରିବ ବୋଲି ଆମ ରାଜ୍ୟ ବିଧାନସଭାର ମାନ୍ୟବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସୂତ୍ରରୁ ପ୍ରକାଶ। ଏହି କମିଟି ଉଭୟ ଶାସକ ଦଳ ଓ ବିରୋଧୀଦଳର ମାନ୍ୟବର ସଦସ୍ୟଙ୍କୁ ସମନ କରି ଗୃହରେ ଉତ୍ତର ଏଡାଇଯାଇଥିବା ବିଭାଗୀୟ ମନ୍ତ୍ରୀ ଓ ମାନ୍ୟବର ସଦସ୍ୟ ପ୍ରଶ୍ନକର୍ତ୍ତାଙ୍କ ପାଇଁ ନ୍ୟାୟସଂଗତ ପଦକ୍ଷେପ ନେଇପାରିବେ। ବିଧାନ ସଭା ପରି ଲୋକସଭା, ରାଜ୍ୟ ସଭାରେ ମଧ୍ୟ ଏପରି ବ୍ୟବସ୍ଥା ରହିଛି। ରାଜ୍ୟ ହେଉ ଅବା ଦେଶ, ପ୍ରତିଟି ଗଣତନ୍ତ୍ରର ମନ୍ଦିର ସ୍ୱରୂପୀ ଜନପ୍ରତିନିଧି ପ୍ରତିନିଧିତ୍ୱ କରୁଥିବା ଗୃହର ଆବଶ୍ୟକ ଗରିମା ବୃଦ୍ଧି ତଥା ଗଣତନ୍ତ୍ରର ସୁରକ୍ଷା ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ରହିଛି। ହେଲେ ଦୁଃଖ ଲାଗୁଛି, ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟଗଣଙ୍କ ମଧ୍ୟରୁ ଅନେକ ନିଜର କର୍ତ୍ତବ୍ୟକର୍ମ ଓ ସମ୍ମାନ ଭୂଲି ରାଜନୈତିକ ଆକ୍ରୋଶ ରଖି ଅନେକ ସମୟରେ ଗୃହର ବାତାବରଣକୁ କଳୁଷିତକରି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି। ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ପ୍ରତ୍ୟେକ ଗୃହରେ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ବିରୋଧାଭାଷ ରହିବା ସ୍ୱାଭାବିକ। ହେଲେ ରାଜ୍ୟର ତଥା ଦେଶର ହିତ ପାଇଁ ସମସ୍ତେ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ଆବଶ୍ୟକ ପଡିଲେ ସମସ୍ତେ ଏକଜୁଟ ହେବା ନିହାତି ଜରୁରୀ।

ସଂପ୍ରତି ଆମ ରାଜ୍ୟ ବିଧାନ ସଭାରେ ଚଳିତ ଶୀତ ଅଧିବେଶନ ପ୍ରାରମ୍ଭରୁ ବିରୋଧୀଙ୍କ ପକ୍ଷରୁ ମମିତା ମୃତ୍ୟୁ ପ୍ରସଂଗ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିକୁ ନେଇ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଥିବା ପ୍ରକାଶ। ଫଳରେ ଚଳିତ ଅଧିବେଶନ ପ୍ରାରମ୍ଭରୁ ଗୃହର ସ୍ୱାଭାବିକ କାର୍ଯ୍ୟ ସଂପାଦନରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଶାସକଦଳ ଓ ବିରୋଧୀଙ୍କର ପରସ୍ପର ବିରୋଧରେ ବିରୋଧାଭାଷ ପରିସ୍ଥିତିକୁ ଜଟିଳ କରି ରଖିଛି। ମମିତା ପ୍ରସଂଗ ଏବେ ମାନ୍ୟବର କୋର୍ଟଙ୍କ ବିଚାରଧୀନ ତଥା ଏଦିଗରେ ଆଇନଗତ ଅନୁସଂଧାନ ଚାଲିଥିବା ପ୍ରକାଶ। ନିକଟରେ ବାତ୍ୟା ‘ଜୱାଦ’ କାରଣରୁ ରାଜ୍ୟରେ ଉଜୁଡିଯାଇଥିବା ଚାଷ ଓ ଚାଷୀ ପ୍ରସଂଗ ଅତି ସମ୍ବେଦନଶୀଳ ପ୍ରସଂଗ ।ଏହା ଉପରେ ଆବଶ୍ୟକ ଚାଷୀ କଲ୍ୟାଣ ଯୋଜନାର ଏକ ଗଠନମୂଳକ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ଏଥି ସହ ମହିଳା ଓ ଶିଶୁ ସୁରକ୍ଷା ସମସ୍ୟା ସମେତ ଗତ ୨ ବର୍ଷ ଧରି ଚାଲିଥିବା ମହାମାରୀ କରୋନା ଜଟିଳତାରୁ ରାଜ୍ୟର ସବୁ ସ୍ତରରେ ସର୍ବସାଧାରଣଙ୍କ ଜୀବନଜୀବିକା ଓ ଆର୍ଥିକ ପ୍ରଗତି ମାନ୍ଧାବସ୍ଥାରେ ଚାଲିଛି। ରାଜ୍ୟର ସୀମାନ୍ତ ଅଂଚଳରେ ପଡୋଶୀ ରାଜ୍ୟଙ୍କ ପକ୍ଷରୁ ଚାଲିଥିବା ଅନୁପ୍ରବେଶ ଜନୀତ ଅସ୍ଥିରତା ଲାଗି ରହିଛି।ଉଚ୍ଚ ସ୍ତରୀୟ କମିଶନ ତଦନ୍ତ ସତ୍ତ୍ୱେ ଚିଟ ଫଣ୍ଡ ଦୁର୍ନିତିର ଏଯାଏଁ ପର୍ଦ୍ଦାଫାସ ହୋଇନପାରିବାରୁ ରାଜ୍ୟବାସୀଙ୍କ ଡିପୋଜିଟ ଅର୍ଥର ଭବିଷ୍ୟତ ଅନ୍ଧକାର ବୋଲି ଅଭିଯୋଗ ଉଠୁଛି। ରାଜ୍ୟରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ବିଭିନ୍ନ ପ୍ରସଂଗକୁ ନେଇ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାମାନ ଗୋଟିଏ ପରେ ଗୋଟିଏ ଆରମ୍ଭ ହୋଇଚାଲିଛି। ଏହାର ଫଳପ୍ରସୂ ରୂପାୟନ ଦିଗରେ ଉଭୟ ପ୍ରଶାସନ, ରାଜନୈତିକ ସ୍ତରରେ ନିରପେକ୍ଷ ସମନ୍ୱୟ ରହୁନଥିବାରୁ ସମସ୍ୟାର ସମାଧାନ ସମ୍ଭବ ହେଉନଥିବା ଶାସକଦଳ ବିରୋଧରେ ଅଭିଯୋଗ ଉଠୁଛି। ରାଜ୍ୟର ଶିକ୍ଷା ସ୍ୱାସ୍ଥ୍ୟ, ଜଳପରିମଳ, ଗମନାଗମନ, ବିଭିନ୍ନ ବୈଷୟିକ, ଆର୍ଥିକ, ସାମାଜିକ, ସାଂସ୍କୃତିକ ଭିତ୍ତିଭୂମିର ଉନ୍ନତି ସହ ସମାଜର ସବୁ ସ୍ତରର ଆର୍ଥିକ ପ୍ରଗତି ପାଇଁ ସବୁ ସ୍ତରରେ ଆବଶ୍ୟକ ଯୋଜନା ପ୍ରସ୍ତୁତି ଓ ଏହାର ସଫଳ କାର୍ଯ୍ୟାନ୍ୱୟନର ଆବଶ୍ୟକତା ପୂରଣ ଦିଗରେ ଉଭୟ ସରକାର ଓ ବିରୋଧୀ ପାରସ୍ପରିକ ବୁଝାମଣା ଓ ଆନ୍ତରିକତାର ଏବେବି ସାଧାରଣରେ ଅଭାବ ଅନୁଭୂତ ହେଉଅଛି।

ଅନେକ ଆଶା ଆକାଂକ୍ଷା ରଖି ରାଜ୍ୟବାସୀ ନିଜ ନିଜ ଅଂଚଳର ଜନପ୍ରତିନିଧିମାନଙ୍କୁ ନିର୍ବାଚିତ କରାଇ ପବିତ୍ର ଗଣତନ୍ତ୍ରର ମନ୍ଦିର ଆମ ରାଜ୍ୟ ବିଧାନସଭାକୁ ପଠାଇଛନ୍ତି। ପ୍ରତ୍ୟହ ହୋହଲ୍ଲା ନାରାବାଜି, ଅବୁଝାମଣା, ଅଭଦ୍ରାମୀ କରି ଯଦି ଆମ ବିଧାୟକ ପ୍ରତିନିଧିମାନେ ମୂଲ୍ୟବାନ ସମୟ ନଷ୍ଟ କରି ନିଜ ନିଜର ରାଜନୈତିକ ଆକ୍ରୋଶକୁ କେବଳ ପରିପ୍ରକାଶ କରିଚାଲିବେ, ତେବେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ।

ଶେଷରେ ଏତିକି କୁହାଯାଇପାରେ, ବିଧାନସଭା / ବିଧାନ ପରିଷଦ/ ଲୋକ ସଭା/ ରାଜ୍ୟ ସଭା, ଯାହାବି ହେଉ ଗଣତନ୍ତ୍ରର ଏହି ପବିତ୍ର ମନ୍ଦିରରେ ଉଭୟ ଶାସକ ଓ ବିରୋଧୀ ଦେଶ ଭକ୍ତ ହେବା ଜରୁରୀ। ଏଥିରେ ଶାସକଦଳ ଓ ବିରୋଧୀ ନିଜ ନାଜ ଗୃହରେ ତଥ୍ୟାନୁସଂଧାନ ସହ ପ୍ରଶ୍ନକର୍ତ୍ତା ସଦସ୍ୟଙ୍କ ପ୍ରତ୍ୟେକ ପ୍ରଶ୍ନର ଆବଶ୍ୟକ ଉତ୍ତର ରଖିବା ଜରୁରୀ।ଏଥିପାଇଁ ଶାସକ ଦଳ ଗୃହ ଚାଲିଲାବେଳେ ଆଗତ ଆବଶ୍ୟକ ସବୁ ପ୍ରଶ୍ନକୁ ସବିନୟେ ସମ୍ମୁଖୀନ ହୋଇ ଉତ୍ତର ଓ ତଥ୍ୟ ରଖିବାକୁ ନିଜକୁ ପ୍ରସ୍ତୁତ ରଖିବା ଜରୁରୀ। ପ୍ରତିନିଧିତ୍ୱ କରୁଥିବା ସମସ୍ତ ଜନପ୍ରତିନିଧି ନିଜ ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ସଂଗଠିତ ହେବା ନିହାତି ଜରୁରୀ। ଏଣୁ ପ୍ରତିଟି ଗୃହରେ ଆଗତ ପ୍ରତିଟି ପ୍ରଶ୍ନର ଉତ୍ତରକୁ ବିଶେଷ ଭାବେ ଶାସକ ଦଳ ଏଡାଇଗଲେ ହୁଏତ ଏହା ଗଣତନ୍ତ୍ର ବିରୋଧୀ ବୋଲି କୁହାଯାଇପାରେ। କାରଣ ପ୍ରତ୍ୟେକ ସଫଳ ସରକାରଙ୍କର ଗୃହରେ ଆବଶ୍ୟକ ତଥ୍ୟ ଉପସ୍ଥାପନା ସହ ବିରୋଧୀଙ୍କ ଆଗତ ସବୁ ପ୍ରଶ୍ନର ସଠିକ ଉତ୍ତର ରଖିବା ଗୃହର ମର୍ଯ୍ୟାଦା ବୃଦ୍ଧିରେ ସହାୟକ ହୋଇଥାଏ। ଫଳରେ ଆମ ବିଧାନ ସଭାର ଗରିମା ବୃଦ୍ଧି ହେବା ସୁନିଶ୍ଚିତ।

ସା/ପୋ:- ନାଟୁଣୀ, ଜି: ଖୋରଧା-୭୫୨୦୩୪
(ମୋ)୬୩୭୦୪୯୫୯୪୪

# ସେବାର ଅନ୍ୟନାମ ଗଙ୍ଗାରାମ

ସୌମେନ୍ଦ୍ର ଜେନା

ସାର ଗଙ୍ଗାରାମ ଉଭୟ ଭାରତ ଏବଂ ପାକିସ୍ଥାନରେ ବେଶ୍ ଲୋକପ୍ରିୟ ବ୍ୟକ୍ତି ଥିଲେ । ପଞ୍ଜାବର ଆଧୁନିକ କୃଷି ଠାରୁ ଲାହୋର ସହରର ସ୍ଥାପନା ପାଇଁ ସେ ଯେମିତି ପ୍ରସିଦ୍ଧି ଲାଭ କରିଥିଲେ ସେମିତି ସାଧାରଣ ଲୋକଙ୍କ ଜୀବନର ବିକାଶ ପାଇଁ ସେ ଯେଉଁ ସବୁ ଅନୁଷ୍ଠାନ ଗଢିଥିଲେ ସେ ସବୁ ଆଜିଯାଏ ଲୋକଙ୍କ ସେବାରେ ସକ୍ରୀୟ ରହିଛନ୍ତି ।

ରାୟ ବାହାଦୂର ସାର ଗଙ୍ଗାରାମ ଅବିଭକ୍ତ ଭାରତରେ ଇଂରେଜ ସରକାରଙ୍କ ଅଧିନରେ ଜଣେ ଭଲ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ । ପାକିସ୍ଥାନରେ ଥିବା ଲାହୋର ସହରଠାରୁ ୬୪ କିମି ଦୂରବର୍ତ୍ତୀ ନାନାକାନା ସାହିବ ଜିଲ୍ଲାର ଏକ ଛୋଟ ସହର ମଙ୍ଗତନୱାଲା ଠାରେ ୧୩ ଏପ୍ରିଲ ୧୮୫୧ରେ ତାଙ୍କର ଜନ୍ମ । ତାଙ୍କ ପିତା ଦୌଲତ ରାମ ବ୍ରିଟିଶ ପୁଲିସ ବିଭାଗରେ ଜଣେ ଜୁନିଅର ସବ୍‌ଇନିସ୍‌ପେକ୍ଟର ଥିଲେ । ପରେ ସେ ଅମୃତସରସ୍ଥିତ ଅଦାଲତକୁ କପି ରାଇଟର ଭାବେ ବଦଳି ହୋଇଥିଲେ । ଗଙ୍ଗାରାମଙ୍କ ସ୍କୁଲ ଶିକ୍ଷା ଅମୃତସରରେ ହୋଇଥିଲା ଏବଂ ତାଙ୍କର କଲେଜ ଶିକ୍ଷା ଲାହୋରର ସରକାରୀ କଲେଜରେ ହୋଇଥିଲା । ସେଠାରୁ ଉତ୍ତୀର୍ଣ୍ଣ ହେବାପରେ ସେ ଉତ୍ତରାଖଣ୍ଡର ରୁର୍କୀରେ ଥିବା ଥମସନ୍ ସିଭିଲ ଇଞ୍ଜିନିୟରିଂ କଲେଜରେ (ବର୍ତ୍ତମାନର ଆଇଆଇଟି ରୁରକୀ) ନାମ ଲେଖାଇବା ପାଇଁ ବୃତ୍ତିଲାଭ କଲେ । ସେଠାରୁ ୧୮୭୩ରେ ସ୍ୱର୍ଣ୍ଣପଦକ ସହ ଉତ୍ତୀର୍ଣ୍ଣ ହୋଇ ଲାହୋର ଇଞ୍ଜିନିୟରିଂ ବିଭାଗରେ ଚାକିରି ପାଇଲେ । ସେତେବେଳେ ତାଙ୍କର ଉପରିସ୍ଥ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଥିଲେ ରାୟ ବାହାଦୂର କହେୟା ଲାଲ ଯିଏ କି ଲାହୋର ଇତିହାସ ପୁସ୍ତକ ଲେଖିଥିଲେ ।

ଲାହୋର ସହରରେ ସହାୟକ ଯନ୍ତ୍ରୀ ଭାବେ କାମ କରି ଲାହୋର ହାଇକୋର୍ଟ, ଲାହୋର କ୍ୟାଥୋଲିକ ଚର୍ଚ୍ଚର ନିର୍ମାଣ କରାଇଲେ । ପରେ ପରେ ଏଚିସନ କଲେଜର ନିର୍ମାଣ ଭାଇ ରାମସିଂହଙ୍କ ସହ ମିଶି ଶେଷ କଲେ । ଲାହୋରର ଜିପିଓ, ଲାହୋର ମିଉଜିୟମ, ମାୟୋ ସ୍କୁଲ ଅଫ ଆର୍ଟସ୍, ମାୟୋ ହସପିଟାଲ, ହେଲି କଲେଜ ଅଫ କମର୍ସ, ଦି ମଲ ଗଙ୍ଗାରାମ ହସ୍‌ପିଟାଲ ଆଦି ସେ ନିର୍ମାଣ କରିଥିଲେ । ସେଥିପାଇଁ ତାଙ୍କୁ ଆଧୁନିକ ଲାହୋର ସହରର ନିର୍ମାତା ବୋଲି କୁହାଯାଏ । ସହରୀ ଜଳ ନିଷ୍କାସନ ବ୍ୟବସ୍ଥା ସେ ଅତି ସୁନ୍ଦର ଭାବେ କରିଥିଲେ । ବ୍ରିଟେନ ରାଜା ୭ମ ଜର୍ଜଙ୍କ ସିଂହାସନ ଆରୋହଣର ଉତ୍ସବ ପାଳନ ପାଇଁ ଲର୍ଡ କର୍ଜନ ତାଙ୍କୁ ଦିଲ୍ଲୀର ନିର୍ମାଣ ଦାୟିତ୍ୱ ଦେଇଥିଲେ, ଯାହାକୁ ସେ ସଫଳତାର ସହ ସଂପନ୍ନ କରିଥିଲେ ।

ଶିଖ ସମ୍ରାଟ ରଣଜିତ ସିଂହଙ୍କ ରାଜଧାନୀ ଲାହୋର ଥିଲା । ୧୮୪୯ରେ ଏହା ଇଂରେଜଙ୍କ ହାତକୁ ଆସିଥିଲା । ଲାହୋରରେ ୧୨ବର୍ଷ କାର୍ଯ୍ୟକରି ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ୫୨ବର୍ଷ ବୟସରେ ୧୯୦୩ରେ ସ୍ୱେଚ୍ଛାରେ ଅବସର ନେଇଥିଲେ । ସେହି ବର୍ଷ ତାଙ୍କୁ ରାୟ ବାହାଦୂର ଉପାଧି ପ୍ରଦାନ କରାଯାଇଥିଲା । ଗଙ୍ଗାରାମ କେବଳ ଯେ ଲାହୋର କିମ୍ବା ଦିଲ୍ଲୀରେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ ତା ନୁହେଁ ପଞ୍ଜାବର ପାତିଆଲା ମହାରାଜ ଭୂପିନ୍ଦର ସିଂହ ନିଜ ରାଜ୍ୟକୁ ସୁନ୍ଦର କରି ଗଢିତୋଳିବା ପାଇଁ ଗଙ୍ଗାରାମଙ୍କୁ ଦାୟିତ୍ୱ ଦେଇଥିଲେ । ଆଜିର ମୋତିବାଗ ପାଲେସ୍, ସେକ୍ରେଟାରୀଏଟ୍, ଭିକ୍ଟୋରିଆ ଗାର୍ଲସ ହାଇସ୍କୁଲ, ସିଟି ହାଇସ୍କୁଲ, ଲ କୋର୍ଟ ଆଦିର ନିର୍ମାଣ ତାଙ୍କ ଯୋଜନାନୁସାରେ ହୋଇଥିଲା । ସେ କେବଳ ନିର୍ମାଣ କାର୍ଯ୍ୟରେ ଯେ ନିପୁଣ ଥିଲେ ତା ନୁହେଁ, ବ୍ରିଟେନର ବ୍ରାଡଫୋର୍ଡ ଗସ୍ତ କାଳରେ ସେ ଯେଉଁ ଯାନ୍ତ୍ରିକ କୃଷି ସେଠାରେ ଦେଖିଥିଲେ ତାର ପ୍ରଥମ ପ୍ରୟୋଗଶାଳା ପଞ୍ଜାବ ପ୍ରଦେଶରେ ଆରମ୍ଭ କଲେ । ବର୍ତ୍ତମାନର ଶାହିୱାଲ ଏବଂ ରେନାଲା ଖୁର୍ଦ୍ଦରେ (ପାକିସ୍ଥାନରେ) ସେ ନିଜ ସଞ୍ଚିତ ଅର୍ଥ ବ୍ୟୟରେ ସରକାରଙ୍କଠାରୁ ଲିଜ୍ ସୂତ୍ରରେ ଚାଷ ପାଇଁ ୫୦,୦୦୦ ଏକର ଟାଙ୍ଗରା ପଡିଆ ନେଇଥିଲେ । ମାତ୍ର ତିନିବର୍ଷର ପରିଶ୍ରମରେ ସେ ଟାଙ୍ଗରା ମାଟିକୁ ଉର୍ବର ଚାଷଭୂମିରେ ପରିଣତ କରିଥିଲେ । ଜଳସେଚନ ପାଇଁ ହାଇଡ୍ରୋ ଇଲେକଟ୍ରିକ ପ୍ଲାଣ୍ଟ ବସାଇ ପମ୍ପ ଯୋଗେ ଜଳସେଚନ କରିଥିଲେ । ୧୯୦୩ରେ ଚାକିରି ଛାଡିବା ପରେ ସରକାର ଚେନାବ କଲୋନୀରେ (ବର୍ତ୍ତମାନର ଫୈସଲାବାଦ ଜିଲ୍ଲା ପାକିସ୍ଥାନ) ତାଙ୍କୁ ୫୦୦ ଏକର ଚାଷ ଜମି ପ୍ରଦାନ କରିଥିଲେ । ଏଠାରେ ସେ ଗଙ୍ଗାପୁର ନାମରେ ଏକ ଗ୍ରାମ ବସାଇ ପ୍ରଥମକରି ଭାରତରେ ଆଧୁନିକ କୃଷି ଫାର୍ମ ଆରମ୍ଭ କରିଥିଲେ, ଯେଉଁଠି ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ସାହାଯ୍ୟରେ ଚାଷ କାର୍ଯ୍ୟ ସଂପନ୍ନ କରାଗଲା । ଠିକ୍ ସେହି ବର୍ଷ ୧୯୦୩ରେ ଗଙ୍ଗାରାମ ଏକ ଘୋଡାଟଣା ଟ୍ରେନଗାଡି ଗଙ୍ଗାପୁର ଠାରୁ ନିକଟସ୍ଥ ରେଲଲାଇନ୍ ଥିବା ବୁଚିଆନା ଯାଏ ପକାଇଥିଲେ । ଏଥିରେ ରେଳ ଧାରଣା ଉପରେ ଏକଗାଡିକୁ ଘୋଡାଦ୍ୱାରା ଟଣାଯାଉଥିଲା । ଗାଡି ପାଇଁ ରେଳଧାରଣାକୁ ଜରାଁନୱାଲା ରେଳଧାରଣା ପାଖଦେଇ ବିଛାଯାଇଥିଲା ।

ଏତେ ସବୁ କାର୍ଯ୍ୟ ଭିତରେ ସେ ଥିଲେ ଜଣେ ସକ୍ରୀୟ ସମାଜସେବୀ । ଆଜିକୁ ଶହେ ବର୍ଷ ତଳେ ୧୯୨୦ ବେଳକୁ ଗୁରୁଦ୍ୱାରଗୁଡିକୁ ଉଦାସୀ ମହନ୍ତଙ୍କ ହାତରୁ ମୁକ୍ତ କରିବାକୁ ଅକାଳୀମାନଙ୍କ ଆନ୍ଦୋଳନ ଜାରି ରହିଥିଲା । ଅମୃତସର ଜିଲ୍ଲାର ଅଜନାଲାରେ ଥିବା ଗୁରୁଦ୍ୱାର ଗୁରୁ କା ବାଗ୍‌କୁ ଦଖଲ କରିବାକୁ ଶିଖମାନେ ଉଦ୍ୟମ କଲାବେଳେ ସେଠାକାର ମହନ୍ତ ବ୍ରିଟିସ ବାହିନୀକୁ ଲଗାଇ ଅନେକ ଶିଖଙ୍କୁ ପୁଲିସ ଦ୍ୱାରା ଗିରଫ କରାଇଥିଲେ । ଏହି ସମସ୍ୟାକୁ ଲକ୍ଷ୍ୟକରି ଗଙ୍ଗାରାମ ମହନ୍ତ ସୁନ୍ଦରଦାସଙ୍କଠାରୁ ଜମି ଲିଜ୍ ସୂତ୍ରରେ ନେଇ ସେଠାରେ ଶିଖମାନଙ୍କୁ ପ୍ରବେଶ ଅଧିକାର ଦେଇ ଥିଲେ । ପରେ ସରକାରଙ୍କୁ ପ୍ରଭାବିତ କରି ୫୦୦୦ଶିଖ ସ୍ୱେଚ୍ଛାସେବୀଙ୍କୁ ଜେଲରୁ ମୁକ୍ତ କରାଇଥିଲେ ।

୧୯୨୫ରେ ଇଂରେଜ ଶାସିତ ପଞ୍ଜାବ ରାଜ୍ୟ ସରକାରଙ୍କୁ ୨୫୦୦୦ଟଙ୍କା ମେନାର୍ଡ-ଗଙ୍ଗାରାମ ପୁରସ୍କାର ପ୍ରଦାନ ପାଇଁ ଦେଇଥିଲେ । ପଞ୍ଜାବର କୃଷି କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରିବାକୁ ପ୍ରତି ତିନି ବର୍ଷରେ ଥରେ ସ୍ଥିର କରାଯାଇଥାଏ, ଯାହା ଆଜିବି ଜାରି ରହିଛି । ସାମାଜିକ କାର୍ଯ୍ୟ ପାଇଁ ୧୯୨୫ରେ ସେ ସାର ଗଙ୍ଗାରାମ ଟ୍ରଷ୍ଟ ସ୍ଥାପନା କରିଥିଲେ । ଟ୍ରଷ୍ଟ ଅଧିନରେ ବିଧବାମାନଙ୍କ ପାଇଁ ଏକ ଆଶ୍ରମ ଗୃହ ଆରମ୍ଭ କରିଥିଲେ । ଲାହୋରର ବୟସ୍କ ଅବହେଳିତ ଏବଂ ଶାରୀରିକ ଅକ୍ଷମ ଲୋକମାନଙ୍କ ପାଇଁ ଏକ ଡାକ୍ତରଖାନା ନିଜ ଅର୍ଥରେ ଖୋଲିଥିଲେ । ଆଧୁନିକ ବାଣିଜ୍ୟିକ ଶିକ୍ଷା ପାଇଁ ସେ ଯେଉଁ ଶିକ୍ଷାନୁଷ୍ଠାନ ଖୋଲିଥିଲେ ତାହା ଆଜି ହେଲି କଲେଜ ଅଫ୍ କମର୍ସ ନାମରେ ପ୍ରସିଦ୍ଧ । ସେ ନିଜ ଅର୍ଥରେ ସାର ଗଙ୍ଗାରାମ ଡାକ୍ତରଖାନା (ଏବେ ୫୫୦ ଶଯ୍ୟା-ବିଶିଷ୍ଟ) ଏବଂ ଏକ ମେଡିକାଲ କଲେଜ ଖୋଲିଥିଲେ । ଦେଶ ବିଭାଜନ ପରେ ମେଡିକାଲ କଲେଜଟି ବନ୍ଦ ହୋଇଯାଇଛି । କିନ୍ତୁ ଗଙ୍ଗାରାମ ଡାକ୍ତରଖାନା ଆଜି ମଧ୍ୟ ଲାହୋରରେ ଖୋଲାଅଛି । କେତେକ ବ୍ୟକ୍ତି ଡାକ୍ତରଖାନା ନାମକୁ ବଦଳାଇବା ପାଇଁ ଅତୀତରେ ପ୍ରୟାସ କରିଥିଲେ ମଧ୍ୟ ସ୍ଥାନୀୟ ସାମାଜିକ ଅନୁଷ୍ଠାନଗୁଡିକର ପ୍ରବଳ ବିରୋଧ କ୍ରମେ ତାହା ସମ୍ଭବପର ହୋଇପାରିନାହିଁ । ଡାକ୍ତରଖାନା ନିର୍ମାଣ ପାଇଁ ସେ ଲରେନ୍ସ ରୋଡ ଏବଂ କୁଇନ୍ସ ରୋଡର ମିଳନସ୍ଥଳୀରେ ୧୯୨୧ରେ କିଣିଥିବା ଜମିରେ ୧,୩୧,୫୦୦ ଟଙ୍କା ଖର୍ଚ୍ଚ କରି ଡାକ୍ତରଖାନା ପାଇଁ ଗୃହ ନିର୍ମାଣ କରିଥିଲେ । ୧୦ ଜୁଲାଇ ୧୯୩୭ରେ ଗଙ୍ଗାରାମ ଲଣ୍ଡନ ଗସ୍ତରେ ଥିଲାବେଳେ ସେଠାରେ ହୃଦଘାତ ହେବାରୁ ମୃତ୍ୟୁବରଣ କରିଥିଲେ । ଲଣ୍ଡନରେ ଗଙ୍ଗାରାମଙ୍କ ନିଜ ଘର ନିକଟସ୍ଥ ଗୋଲାଡର୍ସ ଗ୍ରୀନ କ୍ରିମାଟୋରିଅମଠାରେ ତାଙ୍କର ଦାହ ସଂସ୍କାର ହୋଇଥିଲା । ଲାହୋରର ତକ୍ଷଶୀଳା ଗେଟ ନିକଟରେ ତାଙ୍କ ସମାଧି ନିର୍ମିତ ହେଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ମୃଗ ତୃଷ୍ଣା

ଭାଗୀରଥି ସାଗର



ହାତଗାର ଭାଗ୍ୟ ଲିପି
କଣ ବଦଳି ଯିବ ?
ଜୋନ୍ନା ଉଇବ ଉକିଆ ଦିବାରେ
କେତେ ତମସା ସାକ୍ଷୀ ଥିଲେ
ପୁଣି କେତେ ତାରା
ଫାଟ ହେଲା ଆମର ସମ୍ପର୍କରେ।
ବିସ୍ତୀର୍ଣ୍ଣ ବାଲୁକା ଇଲାକେ
ବିକଳ ହୃଦୟ
ଅନ୍ୱେଷଣ କରେ ଟୋପାଏ ଜଳ।
ଘାସହୀନ ବରଫପୂର୍ଣ୍ଣ
ଗ୍ରୀନଲାଣ୍ଡ ଠାରେ
ଖୋଜୁଛି ଚହଟ ଯୁକ୍ତ ବଉଳ।
କଳ୍ପନା କଳ୍ପନାରେ
ଆଶା ଆଶାରେ ରହିଲା
ଚାଲିଲା ଭାବନା ଖୁବ୍ ଦୂରକୁ
ଭରସା ଭରସାରେ
ରହି ସଢ଼ି ଗଲା ଇଚ୍ଛା
ଶକ୍ତ ଆଘାତ ଲାଗିଲା ମନକୁ।
ମଥାରେ ସିନ୍ଦୁର
ପାଦରେ ଅଳିତା ଲଗାଇ
ହେଇଥାନ୍ତ ନବ ବଧୂ ବେଶ
ମୁଣ୍ଡର ମୁକୁଟ ନାଲି ଓଢଣି ହାତ ଶଙ୍ଖା
ପିନ୍ଧି ନେଇଥାନ୍ତ ଜ୍ୟେଷ୍ଠ ଆଶିଷ।
ମୃଗତୃଷ୍ଣା ମରୀଚିକା ହେଲା ଆମ ସମ୍ପର୍କ
ତମ କଥା ସ୍ମରି ବହେ ଲୋତକ
ସ୍ମୃତି ହେଇଗଲା ସିନେମା ହଲ୍,
ବେଳାଭୂମି
ଝାଉଁ ବଣ, ଝରଣା କୂଳ,ପାର୍କ ।
ବିଦେଶେ ପଢ଼ିବା ହେଲା
ମହଙ୍ଗା ଏଥି ପାଇଁ
ଚାଲି ଗଲ କାହାର ହାତ ଧରି
ପ୍ରତି ଛବି ଫର ଫର
ଉଡ଼େ ଆଖି ଆଗରେ
କେମିତି ଯିବି ତମକୁ ପାସୋରି ?
ଭଲ ପାଇଥିଲି ଫଗୁଣକୁ ଭଲ ପାଇଲି
ଫେଣାକୁ,ବିଚ୍ଛେଦ ହେଲା ସମ୍ପର୍କ
ନବ ପ୍ରେମିକ ପ୍ରେମିକାକୁ
କିଛି ବାର୍ତ୍ତା ଦିଏ
ଭଲ ପାଇବା ପୂର୍ବୁ ହୁଅ ସତର୍କ।

♥ ଡାଲଗୁମା,
କୋକସରା, କଳାହାଣ୍ଡି
(ମୋ)୯୩୩୭୬୨୪୮୯୯

### ବିଶ୍ୱାସ



ସୁଦର୍ଶନ ମହାପାତ୍ର

ତୋ’ ଅସ୍ଥିର ପାଦର
ଠିକ୍ ପଛପଟକୁ ଥିବ
ବିସ୍ତାରିତ ଦୁଇ ହାତ
ସାହସ କରି ଆଉ ଗୋଟେ ପାଦ
ଆଗକୁ ବଢେଇ ଦେ...
ବିଶ୍ୱାସ ରଖିଥା
ଏଥର ସଳଖି ଚାଲିବୁ ।
ଖେଦି ଯା’ ଏବେ
ଦିଗ ଚଉଦିଗ
ଯୋଗାଡି ନେ’ ନିଜ ପାଇଁ
ଯେତେ ସବୁ ସୁଖ ବଇଭବ
ବିଶ୍ୱାସ କର କି ନକର
ପଛରେ ଏବେବି ରହିଥିବ
ଶିରାଳ ଦୁଇହାତ
ଆଶିର୍ବାଦ ମୁଦ୍ରାରେ
ତୋ’ ବାପାଙ୍କର....!!

♥ କୁଞ୍ଜବିହାରୀ ଲେନ, କଟକ

### ଆସିଛି ବୋଲି ଶୀତ

ଗୌରୀ ମେହେର



ନିର୍ମଳ ଆକାଶେ ଜହ୍ନ ହସୁଥାଏ,
ପ୍ରକୃତିରାଣୀ ହୋଇଥାଏ ଶୋଭିତ!!
ସୋରିଷ କ୍ଷେତରେ ହଳଦିଆ ଫୁଲ,
ତା ରଂଗେ କରୁଅଛି ରଂଗାୟିତ,
ଆସିଛି ବୋଲି ଶୀତ ।

ନରମ କମ୍ବଳ ତଳେ ଅସୁମାରି ସ୍ୱପ୍ନ,
ଉଠି ଜାଗିବାକୁ ଯେମିତି
ମଣୁ ନଥାଏ ମନ !
ସକାଳୁ ସକାଳୁ ହାଏ ଆଃ କି ଶୀତ,
ଲୋଡା ହୁଏ ସଭିଂକୁ
ଯେ ଗରମ ପୋଷାକ,
ଆସିଛି ବୋଲି ଶୀତ ।

କୁହୁଡ଼ି ଚାଦର ଢାଂକି ହୋଇଥାଏ,
ଝାପସା ଝାପସା ଦିଶେ
ଖାଲି ଚାରିପାଖ !
ମୁକ୍ତା ପରି ଝଲସୁଥାଏ କାକର ଟୋପା,
ଖିଲିଖିଲି ହସୁଥାଏ ବୃକ୍ଷ ଘାସ,
ଆସିଛି ବୋଲି ଶୀତ ।

ଦୁଦୁରା, ଗୟସ, ଜହ୍ନୀ, କଖାରୁ,
କନିଅର, ଗେଣ୍ଡୁ, ଗୋଲାପ !
କେତେ ନାନା ଫୁଲ ତାଙ୍କରି ମହକେ,
ଅବନୀକୁ କରୁଥାନ୍ତି ମହକିତ,
ଆସିଛି ବୋଲି ଶୀତ ।

ସକାଳୁ ସକାଳୁ ଗରମ ଚା କପେ,
ପିଇ ମନ ହୋଇଯାଏ ପ୍ରଫୁଲ୍ଲିତ !
ଭାତ, ଡାଲି, ତରକାରୀ
ଗରମ ଗରମ ଲୋଡା,
ଖାଇ ଦେହ ରହେ ସୁସ୍ଥ, ମନ ଆନନ୍ଦିତ,
ଆସିଛି ବୋଲି ଶୀତ ।

ନିଆଁ ଧୁନି ପାଖେ ବସି ଲାଗେ
ସତେ ମଜା,
କମିଯାଏ ହାଡଭଙ୍ଗା ଶୀତ ର ପ୍ରକୋପ !
ଶିତୁଆ ଶିତୁଆ କି ସୁନ୍ଦର ପରିବେଶ
ଆତ୍ମା ହୋଇଯାଏ ମୋହିତ,
ଆସିଛି ବୋଲି ଶୀତ,
ଆସିଛି ବୋଲି ଶୀତ ।

♥ ଗମ୍ଭାରୀଗୁଡା
ନୁଆପଡ଼ା

### ଦୁର୍ବଳ ମୁହୂର୍ତ୍ତ

ସିଦ୍ଧେଶ୍ୱର ତ୍ରିପାଠୀ



ଆଗୋ ସୁନୟନା କରନି ବାହାନା
ତୋଳିନିଅ ବାହୁ ବନ୍ଧନରେ
ଲାଜର ଗହଣା ଦିଅଗୋ ଉତାରି
ଅଙ୍ଗବାସ ସବୁ ଯାଉ ଦୁରେ ।

ରକ୍ତଜବା ପରି ତୁମସେ ଓଠରୁ
ଝରାଇ ଦିଅଗୋ ମଧୁରସ
ଏଇ ମଗୁସୁର ଗହନ ରାତିରେ
ଏକାକିନି ଥରେ ଆସ ଆସ ।

ଭୁଲିଯାଅ ତୁମ ପଛ ସଂସାରକୁ
ଅଙ୍ଗ ଦାସ ମୋତେ କର ଥରେ
ଆଗୋ ସୁନୟନା କରନି ବାହାନା
ତୋଳିନିଅ ବାହୁ ବନ୍ଧନରେ ।

ରାତି ସାଥେସାଥେ ରତି ବଢୁଥିବ
ବଢି ଚାଲିଥିବ ଦୀର୍ଘଶ୍ୱାସ
କେଉଁ ଅତୀତର ମଲା ସପନ ମୋ
ଧିରେ ପାଉଥିବ ଜୀବନ୍ୟାସ ।

ସମୟ ସରୁଛି ସ୍ମୃତିବି ଝରୁଛି
ଆଉ କିବା ଲାଭ ବିଳମ୍ବରେ
ଆଗୋ ସୁନୟନା କରନି ବାହାନା
ତୋଳି ନିଅ ବାହୁ ବନ୍ଧନରେ ।

♥ କବିର ଘର, କୁଣ୍ଡିଲୋ,
କେରଙ୍ଗ, ଖୋର୍ଦ୍ଧା
(ମୋ)୭୦୦୮୩୧୫୦୪୦











କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍କି (୨୧)

# ତାଡ଼କା ବଧ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିଶ୍ୱାମିତ୍ର ଋଷିଙ୍କ ସାଙ୍ଗରେ ରାମ ଲକ୍ଷ୍ମଣ ଦୁଇ ଭାଇ ଯାଉଥିଲେ। ବିଶ୍ୱାମିତ୍ର ଋଷି ରାମ ଲକ୍ଷ୍ମଣଙ୍କ ଅଗସ୍ତି ଋଷିଙ୍କ କଥା କହିଥିଲେ। ଜଙ୍ଗଲରେ ଗଲାବେଳେ ସେମାନେ ଏପରି ଏକ ଅଂଚଳକୁ ଆସିଥିଲେ ଯେଉଁଠାରେ ଜନମାନବଙ୍କ ଚିହ୍ନ ବର୍ଣ୍ଣ ନଥିଲା। ଏପରି ଲାଗୁଥିଲା। ସେ ଜଂଗଲକୁ କେହି



ଆସନ୍ତିନି।

ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କ ଏହାର କାରଣ ପଚାରିଲେ। ବିଶ୍ୱାମିତ୍ର କହିଲେ କି ଏହି ଜଙ୍ଗଲରେ ତାଡ଼କା ନାମରେ ଗୋଟେ ଅସୁରୀ ରହୁଛି। ସେ ଅନେକ ମୁନି, ଋଷି ଓ ମଣିଷଙ୍କ ମାରି ଭକ୍ଷଣ କରିଛି। ତାରି ଡରରେ ଏ ଜଙ୍ଗଲକୁ କେହି ଆସନ୍ତିନି।

ଜିଜ୍ଞାସୁ ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କଠାରୁ ତାଡ଼କା ଅସୁରୀ ସଂପର୍କର ଜାଣିବାକୁ ଚାହିଁଲେ। ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କ ଜିଜ୍ଞାସା ଦେଖି ଖୁସୀ ହେଲେ ଓ ତାଡ଼କା ଅସୁରୁଣୀ କଥା କହିଲେ।

ପୂର୍ବକାଳରେ ସୁକେତୁ ନାମକ ଜଣେ ଯକ୍ଷ ଥିଲେ। ସେସ ବଡ଼ ଧର୍ମପରାୟଣ ଥିଲେ। ମାତ୍ର ଦୁଃଖର କଥା ତାଙ୍କର କିଛି ପିଲାପିଲି ନଥିଲେ। ସେଥିଲାଗି ତାଙ୍କର ବହୁତ ଦୁଃଖ ଥିଲା।

ଶେଷକୁ ସେ ସ୍ଥିର କଲେ ସନ୍ତାନ ସନ୍ତତି ପାଇବାକୁ ତପସ୍ୟା କରିବେ। ଜଂଗଲକୁ ଯାଇ ସେ ଘୋର ତପସ୍ୟା କଲେ। ତାଙ୍କ ତପସ୍ୟାରେ ବ୍ରହ୍ମା ଖୁସି ହୋଇ ତାଙ୍କ ଆଗରେ ପ୍ରକଟ ହେଲେ ଓ ତାଙ୍କୁ ବର ମାଗିବାକୁ କହିଲେ।

ଯକ୍ଷପତି ଖୁସି ହୋଇ କହିଲେ- ହେ ବେଦବର, ଯଦି ମୋ ପ୍ରତି ଦୟା କରିଛନ୍ତି, ମୋତେ ଗୋଟେ ପୁତ୍ର ସନ୍ତାନର ବର ଦିଅନ୍ତୁ। ଯକ୍ଷପତିଙ୍କ କଥା ଶୁଣି ବ୍ରହ୍ମା କହିଲେ- ତାଙ୍କ ଭାଗ୍ୟରେ ପୁତ୍ର ସନ୍ତାନ ପ୍ରାପ୍ତିର ଯୋଗ ନାହିଁ। ତାଙ୍କ ବ୍ରହ୍ମା ଏକ କନ୍ୟା ପ୍ରାପ୍ତିର ବର ପ୍ରଦାନ କଲେ।

ଯକ୍ଷ ସୁକେତୁ ମାଗିଥିବା ଅନୁସାରେ ତାଙ୍କର ଗୋଟେ କନ୍ୟା ପ୍ରାପ୍ତ ହେଲା ଯିଏ ଅତ୍ୟନ୍ତ ସୁନ୍ଦରୀ ଥିଲେ ଓ ବଳବତୀ ଥିଲେ। ସେ କନ୍ୟାର ନାମ ତାଡ଼କା ରଖିଥିଲେ।

କନ୍ୟା ବଡ଼ ହେଲା ପରେ ସୁକେତୁ ତାର ବିବାହ ସୁନ୍ଦଙ୍କ ସହିତ କରାଇଥିଲେ। ସୁନ୍ଦର ଭଲ ପ୍ରକୃତିର ନଥିଲା। ଥରେ ସେ ଅଗସ୍ତି ମୁନିଙ୍କର କୋପର ଶୀକାର ହୋଇ ମୃତ୍ୟୁବରଣ କଲା।

ଏଥିରେ ତାଡ଼କା ଓ ତାର ପୁତ୍ର ବହୁତ ରାଗିଗଲେ ଓ ଅଗସ୍ତି ଋଷିଙ୍କ ଆଶ୍ରମକୁ ଯାଇ ତାଙ୍କ ମାରି ଖାଇବାକୁ ଚେଷ୍ଟା କଲେ। ସେମାନଙ୍କ ଏପରି କାର୍ଯ୍ୟ ଦେଖି ଅଗସ୍ତି ଋଷି ସେମାନଙ୍କୁ ଅଭିଶାପ ଦେଲେ। ଅଭିଶାପ ଫଳରେ ସେମାନଙ୍କ ରୂପ ବଦଳିଗଲା ଓ ସେମାନେ ଭୟଙ୍କର ହୋଇ ଉଠିଲେ। କେବଳ ସେତିକି ନୁହେଁ, ସେମାନଙ୍କ ଦେହ ରାକ୍ଷସଙ୍କ ଦେହ ପରି ହୋଇଗଲା।

ସେହି ଦିନଠାରୁ ତାଡ଼କା ଓ ତାର ପୁତ୍ର ମାରୀଚ ଏହି ଜଙ୍ଗଲରେ ବାସ କରୁଛନ୍ତି ଓ ଏଠାକୁ ଆସୁଥିବା ମଣିଷମାନଙ୍କୁ ମାରି ଭକ୍ଷଣ କରୁଛନ୍ତି। ସେଥିଲାଗି ଏ ଜଙ୍ଗଲ ଦେଇ କୌଣସି ମଣିଷ ଯାତାୟାତ କରନ୍ତି ନାହିଁ।

ବିଶ୍ୱାମିତ୍ରଙ୍କ କଥା ଶୁଣି ରାମ ଲକ୍ଷ୍ମଣ ଆଶ୍ଚର୍ଯ୍ୟ ହେଲେ। ତାଙ୍କ ମନରେ ସାମାନ୍ୟ ଦ୍ୱିଧା ଥିଲା- କାରଣ ତାଡ଼କା ନାରୀଟିଏ ଥିଲା। ମାତ୍ର ପିତାଙ୍କ ଆଜ୍ଞା ପାଳନ କରିବା ଓ ଧର୍ମର ରକ୍ଷା କରିବା ରାମଙ୍କ ଲାଗି ମହତ୍ୱପୂର୍ଣ୍ଣ ଥିଲା।

ସେ ସଂଗେ ସଂଗେ ନିଜ ଧନୁରେ ଗୁଣକୁ ଓଟାରି ଭୟଙ୍କର ଶବ୍ଦ ସୃଷ୍ଟି କରେ। ସେ ଶବ୍ଦ ତାଡ଼କା ଅସୁରୀର କାନରେ ପଡ଼ିଲା ଓ ସେ ସଂଗେ ସଂଗେ ରାମ ଲକ୍ଷ୍ମଣଙ୍କ ଆଡ଼କୁ ଧାଇଁ ଆସିଲା। ଧର୍ନୁବିଦ୍ୟାରେ ପାରଙ୍ଗମ ଶ୍ରୀରାମ ଅତି ଅଳ୍ପ ସମୟରେ ଶର ପ୍ରୟୋଗ କରି ତାଡ଼କାର ହାତ କାଟି ପକାଇଲେ। ତାଡ଼କା ମାୟାଯୁଦ୍ଧ କରି ଅଦୃଶ୍ୟ ହୋଇଗଲା। ମାତ୍ର ରାମଙ୍କ ବାଣରେ ଆହତ ହୋଇ ତଳେ ପଡ଼ି ପ୍ରାଣ ତ୍ୟାଗ କଲା।

ବିଶ୍ୱାମିତ୍ରଙ୍କ ସାଂଗରେ ଆସି ରାମ ଲକ୍ଷ୍ମଣ ତାଙ୍କର ପ୍ରଥମ କାମ ସମାପ୍ତ କଲେ। ବିଶ୍ୱାମିତ୍ର ଋଷି ବହୁତ ଖୁସି ହେଲେ ଓ ରାମଙ୍କୁ ଅନେକ ଅସ୍ତ୍ରଶସ୍ତ୍ର ପ୍ରଦାନ କଲେ। ସେ ଧ୍ୟାନ ବଳରେ ଜାଣିଥିଲେ ଯେ ଶ୍ରୀରାମ ବିଷ୍ଣୁଙ୍କ ଅବତାର ଓ ସେ ରାବଣଙ୍କୁ ବଧ କରିବେ। ସବୁ ଦିବ୍ୟାସ୍ତ୍ର ତାଙ୍କ କାମରେ ଲାଗିବ। ମିନା ଅପାଙ୍କ ରାମାୟଣ କଥା ସେଦିନ ସରିଲା।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

କବିତା

ତୁମ ପାଇଁ

## ଫେରି ଆସନ୍ତା କି ପିଲାବେଳ

### ବିନୟ କୁମାର ସାମଲ

ମନେପଡ଼େ ଆଜି ପିଲାବେଳ କଥା
ଜମା ମୁଁ ପାରୁନି ଭୁଲି,
ସାଙ୍ଗସାଥୀ ମେଳେ ବର ଓହଳରେ
ଦୋଳିଖେଳେ ଝୁଲି ଝୁଲି।
ବଇଶାଖ ଝାଞ୍ଜି ଖରାବେଳଟାରେ
ଆମ୍ବତୋଟା ଛାଇ ତଳେ,
ଲୁଣ,ଲଙ୍କା ନେଇ କଷି ଆମ୍ବ ଖାଉ
ସାଥୀ ପିଲାଙ୍କର ମେଳେ।
ଗାଁ' ମୁଣ୍ଡେ ଡେଙ୍ଗା ଜାମୁକୋଳି ଗଛ
ମୂଳେ ରୁଣ୍ଡ ସାଙ୍ଗ ସାଥୀ,
କୋଳି ପାଇଁ ଗଛ ଫୋପଡ଼ ବି ସହେ
ଦୁଃଖେ ବି ତା' ସ୍ଥିରମତି।
ଖଦୁରୁକୁଣୀରେ ଗଡ଼ିଆରେ ପଶି
ନେଇ ଆସୁ କେତେ କଇଁ,
ନାନୀ ଭଉଣୀଙ୍କ ଓଷା କୋଠି ହସେ
ଆମ ସାଜସଜ୍ଜା ପାଇଁ।
କୁଆଁର ପୁନେଇ ଜହ୍ନ ଆଲୁଅରେ
ପୁଅଝିଅଙ୍କର ମେଳ,
ଗାଁ' ଦାଣ୍ଡ ସାରା ଗହଳ ଚହଳ
ବହୁ ଚୋରି ଡୁଡୁ ଖେଳ।
ଗାଁ' କୋଠଘରେ ନିଧିଆ ଅଜାର
ଗପ ଲାଗେ ଭା'ରି ମଜା,
କଣ୍ଟୁରୀ ମଉସା ମିଠା ପସରାରୁ
ଖାଉ କେତେ କୋରା ଖଜା।
ରଜ ମଉଜର ପୋଡ଼ପିଠା ପାନ
ମଜା ପୁଣି ରଜଦୋଳି,
ଆନନ୍ଦ ଉଲ୍ଲାସେ ଦୋଳି ଗୀତଗାଇ
ହୋଇଥାଉ କୋଳାକୋଳି।
ଭାବୁଛି ମୁଁ ଆଜି ଫେରିଆସନ୍ତାକି
ମୋର ସେହି ପିଲାବେଳ,
ଗାଁ' ଦାଣ୍ଡ ଧୂଳି ମୋ ମଥାରେ ବୋଳି
ଖୋଜିଥାନ୍ତି ମାଆକୋଳ।

+ବେଡାପଡ଼ା,ହିନ୍ଦୋଳ
ଢେଙ୍କାନାଳ-୭୫୯୦୧୯
ମୋ: ୯୩୩୭୨୪୯୦୬୮

## ଦୁନିଆକୁ ଯିବି ଜିତି

### ଶରତ ଚନ୍ଦ୍ର ଜାଲି

ବାପାଙ୍କୁ କହିଛି ରଫଖାତାଟିଏ
କିଣିଆଣି ଦେବାପାଇଁ
ସେଖାତାଟି ମୋର ଅତି ଆପଣାର
ତା'ପରି କେ ହେବନାହିଁ ।

ସେଖାତାରେ ଲେଖେ ସାହିତ୍ୟ,ବିଜ୍ଞାନ
ଅଙ୍କ, ଇତିହାସ ବସି
ଗୁରୁଜୀ ଡାକନ୍ତି ଯେତେବେଳେ ଯାହା
ଲେଖିଦିଏ ହସିହସି ।

ପଢାବେଳେ ଯଦି ସେଖାତାଟି ମୋର
ରହିଥାଏ ନିଜସାଥେ
ଦୁଃଖ ନାହିଁ ମୋର ଆଉ ଯେଉଁ ଖାତା
ଥାଉବା ନଥାଉ ହାତେ ।

ବିଦ୍ୟାଳୟ ଅବା ଟିୟୁସନ ଗଲେ
ସେ ଖାତାଟି ଆଗ ଲୋଡା
ଫରଦେ କାଗଜ ସେଖାତାରୁ ଚିରି
ଗଢେ ଡଙ୍ଗା, ହାତୀ, ଘୋଡା ।

କେତେବେଳେ ଯଦି ସୁନ୍ଦର ଛବିଟେ
ଆଙ୍କିବାକୁ ଇଛା ହୁଏ
ସେଖାତାରେ ଆଙ୍କି ଗଛ,ଘରଦ୍ୱାର
ଯତନରେ ପୁଣି ଥୁଏ ।

ପିଲାଟି ଦିନରୁ ସେଖାତାରେ ମୁହିଁ
ଶିଖିଅଛି ଲେଖାପଢା
ଗପ, ଗୀତ ଆଉ ମିଠାକଥା ଲେଖି
ମୋ ଟିକି ଜୀବନ ଗଢା ।

କେତେ ଗାରାଗାରି କରିଛି ତା'ପରେ
ତଥାପି ଯାଏ ସେ ସହି
ଛାତ୍ରଛାତ୍ରୀ ପାଇଁ ଦାନ ତା ଅପାର
ମୁଖେ ହେବନାହିଁ କହି ।

ତେଣୁ ସେଖାତାକୁ ସାଇତି ରଖିବି
ସଜେଇ ରଖିବି ନିତି
ପାଠପଢି ଦିନେ ଯଶ ଅରଜିବି
ଦୁନିଆକୁ ଯିବି ଜିତି ।

ପଥରା,ଖଲ୍ଲିକୋଟ,ଗଂଜାମ
ମୋ-୮୨୪୯୫୩୪୨୭୪

## ଅଳି

### ଆଦ୍ୟାଶା ମହାପାତ୍ର

ତୁମରି ପରିକା ପିଲାଟେ ମାମୁନି
କରଇ ସେ କେତେ ଅଝଟ ଅଳି
ଗେହ୍ଲା ଝିଅ ସିଏ ବାପା ମାଆଙ୍କର
ଅଳି ତା'ର ଥାଏ ଭଳିକି ଭଳି ।

ଗପ ଶୁଣିବାକୁ ଜେଜେ ମା'ଙ୍କ ପାଖେ
ନିତି ସଞ୍ଜେ ସିଏ କରଇ ଅଳି
ଜେଜେଙ୍କ ପାଖରେ ଅଳି କରେ ଯାଇ
ଯାତରା ବୁଲିବି, ଖେଳିବି ଦୋଳି ।

ବାପାଙ୍କ ସହିତ ବଜାରକୁ ଗଲେ
ଅଳି ସେ କରଇ ଖେଳନା ପାଇଁ
ଚକୋଲେଟ ନେବାକୁ ଅଳି କରେ ପୁଣି
ମାଗେ ଆଉ ଗୋଟେ ଭାଇର ପାଇଁ ।

ଶରଦ ଶଶୀକୁ ହାତେ ଧରିବାକୁ
ଅଳି କରେ ଯାଇ ଆଇଙ୍କ ପାଶେ
ମାଇଁ କୋଳେ ନେଇ ବୁଝେଇ ଦିଅନ୍ତି
ଜହ୍ନମାମୁଁ ନଭେ ସୁନ୍ଦର ଦିଶେ ।

ଗୋଧୂଳି ପହରେ ଅଳି କରି କହେ
ସାଙ୍ଗଙ୍କ ସାଥିରେ ଖେଳିବି ମୁହିଁ
ଲୁଚି ଲୁଚି କେବେ ବଣ ବୁଦା ବୁଲେ
ଖଟା ମିଠା କୋଳି ଖାଇବା ପାଇଁ ।

ଅଳି କରି କେବେ ଖାଇଲେ ସେ ଗାଳି
ରୁଷି ବସେ ଯାଇ ଘର କୋଣରେ
ମାଆ ଡାକି ଯେବେ ଆଦର କରନ୍ତି
ଭୁଲିଯାଏ ରାଗ ନିମିଷକରେ ।

ନୂଆପଡା ,କଟକ



## ମୃତ୍ତିକା ପ୍ରଦୂଷଣ ନିୟନ୍ତ୍ରଣ

### ନିରଞ୍ଜନ ସାହୁ

ମୃତ୍ତିକା ପ୍ରଦୂଷଣ ରୋକିବା ପାଇଁ
ଉପାୟ ନେବା ଆମେ ସୁବିଧା ଚାହିଁ ।
କେମିତି ଉର୍ବରତା ପୁଣି ବଢିବ
ଆମକୁ ଯତ୍ନବାନ ହେବା ପଡିବ ।
ରାସାୟନିକ ସାର ଅଳପ ଦେବା
ତା ବଦଳେ ଜୈବିକ ସାର ହିଁ ନେବା ।
କୀଟନାଶକ ଔଷଧର ବ୍ୟବହାର
ସୀମିତ କରିଦେବା ଆମେ ତାହାର ।
ପ୍ଲାଷ୍ଟିକ ପରି ଯେତେ ପଦାର୍ଥ ଅଛି
ଆବର୍ଜନାରୁ ସେସବୁ ରଖିବା ବାଛି ।
ଜୈବିକ ଆବର୍ଜନା କମ୍ପୋଷ୍ଟ କରି
ବ୍ୟବହାର କରିବା ନ କରି ଡେରି ।
ବାରମ୍ବାର ନ କରି ଏକ ଫସଲ
ମନେରଖିବା ଏକ କଥା ଅସଲ ।
ଅଲଗା ଅଲଗା ଫସଲ କରିବା
ଉର୍ବର ସମତୁଲ ରଖି ପାରିବା ।
ମୃତ୍ତିକା କ୍ଷୟ ହେଉଥିବ ଯେଉଁଠି
ବୃକ୍ଷରୋପଣ କର ଯାଇ ସେଇଠି ।
କୃଷକ ବନ୍ଧୁ ପରା ଜିଆ ଅଟଇ
କୃଷକ ପାଇଁ ଦିନରାତି ଖଟଇ ।
ଏପରି କଲେ ଉର୍ବରତା ବଢିବ
ମୃତ୍ତିକା ପ୍ରଦୂଷଣ କଥା ଛିଡିବ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

ଶ୍ରୀମତୀ ବସନ୍ତ ମିଶ୍ର

# ବାଇ ଚଢ଼େଇର ବସା



ଅଙ୍କିତ ଜେଜେଙ୍କ ସହିତ କୃଷିମେଳା ଦେଖିବାକୁ ଯାଇଥାଏ। ଜେଜେଙ୍କ ହାତ ଧରି ମେଳାସାରା ବୁଲି ବୁଲି ଦେଖିବାରେ ଲାଗିଥାଏ। ମନୋହରି ଦୋକାନ, ଲୁଗା ଦୋକାନ, ପାମ୍ପଡ଼, ଆଚାର ଦୋକାନ, କାଠଜିନିଷର ଦୋକାନ, ଜାମାପ୍ୟାଣ୍ଟ ଦୋକାନ, ପୁଚୁକା, ଚାର୍ଟ, ଚାଓମିନ୍ ଦୋକାନ, ଠୁଙ୍କାପୁରି ଦୋକାନ ଆଦି ବସିବା ସହିତ ଭଳିକି ଭଳି ଦୋଳି ଯଥା: - ରାମ ଦୋଳି, ଚରକି ଦୋଳି, ଡଙ୍ଗା ଦୋଳି ଆଦି ମଧ ମେଳାରେ ଲାଗିଥାଏ।

ଜେଜେଙ୍କ ହାତ ଧରି ଦୋକାନମାନ ଦେଖି ଦେଖି ଯାଉଯାଉ ଅଙ୍କିତ ଦେଖିଲା ଗୋଟିଏ ଦୋକାନରେ ଝୋଟରେ ତିଆରି ହୋଇ ଚଢ଼େଇ ବସା ଭଳି ଦେଖା ଯାଉଥିବା ଜିନିଷ କେତୋଟି ଟଙ୍ଗା ହୋଇଛି। ତା' ଉପରେ ପ୍ଲାଷ୍ଟିକ୍‌ରେ ତିଆରି ଚଢ଼େଇ ଦୁଇଟି ବସିଛନ୍ତି। ଭାରି ସୁନ୍ଦର ଦେଖାଯାଉଛି। ତା' ମନରେ କୌତୂହଳ ଜାତ ହେଲା। ସେ ସେହି ଜିନିଷଟା କ'ଣ ଜାଣି ନ ପାରିଲେ ବି ସେଥିରୁ ଗୋଟାଏ କିଣିବା ପାଇଁ ଜେଜେଙ୍କ ସଙ୍ଗେ ଅଳି କଲା। ଜେଜେ ତାକୁ କିଣିଦେଲେ। ଅଙ୍କିତ ମେଳାରେ ରାମଦୋଳି, ଚରକି ଦୋଳି ଖେଳିଲା। ଜେଜେଙ୍କ ସହିତ ଚାର୍ଟ, ଚାଓମିନ ଖାଇଲା। ତା' ସାନଭାଇ ପାଇଁ ଖେଳନାମାନ କିଣିଲା। ମେଳା ବୁଲି ସାରି ଜେଜେଙ୍କ ସହିତ ଘରକୁ ଫେରିଲା ବେଳେ ବାଟରେ ଜେଜେ ତାକୁ ପଚାରିଲେ, "ତୁ ଯେଉଁ ଜିନିଷଟା ମେଳାରୁ କିଣି ଆଣିଲୁ, ତାହା କ'ଣ ଜାଣିଛୁ?" ଅଙ୍କିତ କହିଲା, "ସୁନ୍ଦର ଦେଖା ଯିବାରୁ ମୁଁ କିଣି ଆଣିଲି। ସେଇଟା କ'ଣ ମୋତେ ଜଣାନାହିଁ। ତାହା କ'ଣ ଟିକେ କୁହନା ଜେଜେ।" ଜେଜେ କହିଲେ, "ସେଇଟା ବାଇଚଢ଼େଇ ବସାର ଗୋଟାଏ ନମୁନା ଅର୍ଥାତ୍ କୃତ୍ରିମ ଭାବରେ ତିଆରି ହୋଇଥିବା ଗୋଟାଏ ବାଇଚଢ଼େଇ ବସା।" ଅଙ୍କିତ କହିଲା, " ଜେଜେ ବାଇଚଢ଼େଇ ବସା କ'ଣ ? ମୁଁ ତ କାହିଁ କେଉଁଠି ଦେଖିନି। ମୋତେ ଟିକିଏ ଭଲ ଭାବରେ ବୁଝାଇ କୁହନା।"

ଜେଜେ କହିଲେ, " ହଉ ତେବେ ଶୁଣୁ। ବାଇଚଢ଼େଇ ଗୋଟିଏ ଛୋଟ ଚଢ଼େଇ। ଇଷତ୍ ମାଟିଆ ରଙ୍ଗର ପର ତା'ର। ବେକ ପାଖରେ ଗୋଲ ହୋଇ କଳା ଦାଗଟିଏ ଥାଏ। ତା' ଥଣ୍ଟଟି ଛୋଟିଆ ଆଉ କଳା। ସେଇ ଛୋଟିଆ ଥଣ୍ଟରେ ସେ ପୋକଜୋକ ଖୁଣ୍ଟି ଖାଇ ପରିବେଶକୁ ପରିଷ୍କାର ରଖେ। ସେ ଚଢ଼େଇ ବିଶେଷ କରି ନଡ଼ିଆ, ତାଳ ଗଛର ବାହୁଙ୍ଗାମାନଙ୍କରେ ତୁ ମେଳାରୁ କିଣିଥିବା ବସା ଭଳି ବସା କରି ରହିଥା'ନ୍ତି। ପତ୍ରକୁ ଥଣ୍ଟରେ ସରୁ ସରୁ କରି ଚିରି ତାକୁ ସୁନ୍ଦର ଭାବରେ ଖଞ୍ଜି ସେମାନେ ବସା ତିଆରି କରିଥାଆନ୍ତି। ସେହି ବସା ତାଳ ଓ ନଡ଼ିଆ ଗଛର ବାହୁଙ୍ଗାରେ ଓହଳି ରହିଥାଏ। ତା' ଭିତରେ ବାଇଚଢ଼େଇ ତା' ଛୁଆଙ୍କୁ ଧରି କି ଖରା କି ବର୍ଷା ନିରାପଦରେ ରହିପାରେ। ଅତି ଛଡ଼ତୋଫାନ ନ ହେଲେ ତା' ବସା ବାହୁଙ୍ଗାରୁ ଛିଡ଼େନାହିଁ। ସେଥିପାଇଁ କହନ୍ତି ପରା, " ବାଇଚଢ଼େଇର କି ଯାଏ. ବାଆ ଦେଲେ ବସା ଦୋହଲୁଥାଏ।"

ଏବେ ତ ଲୋକମାନେ କିଛି ଚିନ୍ତା ନ କରି ନଡ଼ିଆ, ତାଳ ତଥା ଅନ୍ୟାନ୍ୟ ଗଛମାନ କାଟି ପଦା କରିଦେଲେଣି। ବଣ ଜଙ୍ଗଲ ସଫା କରି ପକାଇଲେଣି। ତେଣୁ ବାଇଚଢ଼େଇ ଆଉ ତା' ବସା ବି କ୍ରମଶଃ ଲୋପ ପାଇବାକୁ ବସିଲାଣି। ଫଳରେ ଆମ ଆଖପାଖରେ ବାଇଚଢ଼େଇ କି ତା' ବସା ଆଉ ଦେଖିବାକୁ ମିଳୁନି। ତଥାପି ଏବେ କେତେକ ସ୍ଥାନରେ କୃତ୍ରିମ ବାଇଚଢ଼େଇ ବସା ତିଆରି କରି ସେମାନଙ୍କର ବଂଶ ବୃଦ୍ଧି ପାଇଁ ସରକାର ତଥା କେତେକ ସ୍ୱେଚ୍ଛାସେବକ ଉଦ୍ୟମ କରୁଛନ୍ତି। କେବଳ ବାଇଚଢ଼େଇ ନୁହେଁ ଗଛ କାଟି ପକାଇବା ଦ୍ୱାରା ଶାଗୁଣା, ଭଦଭଦଳିଆ, କାଠହଣା ଆଦି ଛୋଟବଡ଼ ଅନେକ ଜାତିର ପକ୍ଷୀବଂଶ ଏବେ ଲୋପ ପାଇବାକୁ ବସିଲାଣି। ଗଛ କମିଯିବା ଦ୍ୱାରା ଅଙ୍ଗାରକାମ୍ଳ ଅଭାବରୁ ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି। ବର୍ଷା ବି କମି ଯାଉଛି। ଫଳରେ ବିଭିନ୍ନ ସ୍ଥାନରେ ମରୁଡ଼ି ଦେଖା ଦେଉଛି। ଉତ୍ତାପ ବି ବଢ଼ି ବଢ଼ି ଚାଲିଛି। ତଥାପି ଲୋକମାନେ ଚେତୁନାହାନ୍ତି। ଗଛ ଲଗାଇବା ତ ଦୂରର କଥା, ବରଂ କାଟିବାରେ ଲାଗିଛନ୍ତି।

ଜେଜେଙ୍କ କଥା ଅଙ୍କିତ ମନଦେଇ ଶୁଣୁଥିଲା। ଶେଷରେ କହିଲା, "ଜେଜେ ମୁଁ ଏବେଠାରୁ ଠିକ୍ କଲି ପ୍ରତିଦିନ କିଛି କିଛି ନଡ଼ିଆ, ତାଳ ତଥା ଅନ୍ୟାନ୍ୟ ଗଛମାନ ଲଗାଇବି। ମୋ ସାଙ୍ଗମାନଙ୍କୁ ମଧ ଗଛ ଲଗାଇବାକୁ କହିବି। ଫଳରେ ଚାରିଆଡ଼େ ଛୋଟ ଛୋଟ ଗଛର ଜଙ୍ଗଲମାନ ସୃଷ୍ଟି ହୋଇଯିବ। ଆଉ ବାଇଚଢ଼େଇ ତଥା ଅନ୍ୟାନ୍ୟ ଚଢ଼େଇମାନେ ପୁଣି ଆମ ପାଖକୁ ଫେରି ଆସିବେ। ନା କ'ଣ କହୁଛ ଜେଜେ ?" ଜେଜେ କହିଲେ, "ସାବାସ ନାତିଆ, ଏତେ ଦିନେକେ ଗୋଟାଏ ଖାସା କଥା କହିଲୁ। ମୁଁ ବି ତୁମମାନଙ୍କ ସହିତ ଏ ଶୁଭ କାମରେ ହାତ ମିଳେଇବି। ତେବେ, ଏବେଠାରୁ ଚାଲ କାମରେ ଲାଗିଯିବା।"

♥ ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ମୋ: ୯୪୩୯୫୫୪୯୬୪

# ସିଂହ ଛୁଆର ଜନ୍ମଦିନ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଝମିରା ଜଙ୍ଗଲର ରାଜା ମହାବଳ ସିଂହ । ସେଦିନ ସିଂହଛୁଆର ଜନମ ଦିନ ବେଶ ଧୁମଧାମରେ ପାଳନ ହେଉଥାଏ । ଜଙ୍ଗଲରେ ବସବାସ କରୁଥିବା ସବୁ ପଶୁ ପକ୍ଷୀଙ୍କୁ ନିମନ୍ତ୍ରଣ କରାଯାଇଥାଏ ସଂହଛୁଆର ଜନ୍ମଦିନ ଉତ୍ସବରେ ଯୋଗ ଦେବାପାଇଁ । ବାଘ, ହାତୀ ଭାଲୁ ଜିରାଫ , କଙ୍ଗାରୁ , ଗଣ୍ଡା ଗୟଲ, ହରିଣ ବିଲୁଆ କୋକୀ ଶିଆଳିଠେକୁଆ, ନେଉଳ, ସାପ, ଏଣ୍ଡୁଅ, କୋଇଲି କାଠହଣା ଚଢେଇ ଶୁଆ ଶାରୀମାନେ ଯେଝାଯେଝାର ଉପହାର ନେଇ ଉତ୍ସବରେ ଯୋଗଦେଲେ ।

ଏତିକିବେଳେ ଚତୁର ଠେକୁଆ କହିଲା- ମହାରାଜା ,ଏଇ ଜନ୍ମଦିନ ଉତ୍ସବରେ ଜଙ୍ଗଲର ସବୁ ପ୍ରଜାଙ୍କୁ ନିମନ୍ତ୍ରଣ କରାଯାଇଛି ତ ! ନା ଆଉ କୋଉ ପଶୁପକ୍ଷୀଙ୍କୁ ଏଥିରୁ ବାଦ ପଡିଛନ୍ତି। ଏକଥା ଶୁଣି ରାଜାଙ୍କ ମନରେ ଶଂକା ସୃଷ୍ଟି ହେଲା।

କିଛିକ୍ଷଣ ପରେ ଚାଟୁକାର ବିଲୁଆ କହିଲା -ମଣିମା,ଆପଣ ଏ ଜଂଗଲ ରାଇଜରେ ସର୍ବଶ୍ରେଷ୍ଠ ଜନ୍ତୁ ।

ସିଂହଙ୍କ ରାଜା କହିଲେ-ମୋଠୁ ବଳି ଏ ଜଙ୍ଗଲରେ ଆଉ କେହି ପଶୁ କିମ୍ବା ପକ୍ଷୀ ଥାଇପାରନ୍ତି। ଏତିକି କହି ସିଂହରାଜା ରାଜ ଉଆସରୁ ବାହାରି ଆସିଲେ । କେଇ ଖୋଜ ଗଲାପରେ ଦେଖିଲେ-ଗୋଟିଏ ଝଙ୍କାଳିଆ ଆମ୍ବଗଛ ଡାଳରେ କଳା ମଚମଚ କାଉଟିଏ ବସି କର କଣ ସ୍ୱରରେ କା କା ହୋଇ ବୋବାଉଛି । କାଉକୁ ଦେଖି ରାଜା ଖୁବ ମନଦୁଃଖ କଲେ । କାରଣ ସେ ସିଂହ ଛୁଆର ଜନ୍ମଦିନ ଉତ୍ସବକୁ କାଉକୁ ନିମନ୍ତ୍ରଣ କରିବାକୁ ଭୁଲି ଯାଇଥିଲେ । ସାଙ୍ଗେ ସାଙ୍ଗେ ଜନ୍ମଦିନ ଉତ୍ସବରେ ଯୋଗଦେବା ଲାଗି ସିଂହରାଜା କାଉକୁ କହିଲାରୁ କାଉ ରୋକଠୋକ ମନାକରି କହିଲା-ମୁଁ କାହାର ଦୟାର ପାତ୍ର ହେବାପାଇଁ ଚାହେଁନା । ମୁଁ ମୋର କର୍ତବ୍ୟକୁ ସୁଚାରୁରୂପ ନିର୍ବାହ କରେ । ଖୋଦ ପରିଶ୍ରମ କରି ଯାହା ଖାଦ୍ୟ ସଂଗ୍ରହ କରେ ତାକୁ ଖାଇ ଜୀବନ ବିତାଏ । ମଇଳା ଆବର୍ଜନାକୁ ସଫାସୁତୁରା କରି ପରିବେଶ ସ୍ୱଚ୍ଛ ରଖେ । ରାତି ପହିଲାକ୍ଷଣି କା କା ରାବ ଦେଇ ମଣିଷ ପଶୁ ପକ୍ଷୀ ଓ କୀଟପତଙ୍ଗଙ୍କୁ ନିଦରୁ ଜଗାଏ। ମୋ ପାଇଁ କର୍ତବ୍ୟ ହିଁ ଭଗବାନ । କାଉର କଥା ପଦକ ଶୁଣି ସିଂହରାଜା କାବାକାଠ ପାଲଟିଗଲେ । ତାଙ୍କ ପାଟିରୁ ଆଉ କଥା ବାହାରିଲା ନାହିଁ । ସଙ୍ଗେ ସଙ୍ଗେ ଉଆସକୁ ଫେରିଆସି କହିଲେ- ମୋଠୁ ବଳି ଏ ଜଙ୍ଗଲରେ ଆଉ ଗୋଟିଏ ସର୍ବଶ୍ରେଷ୍ଠ ଜୀବ ଅଛି । ତାର ନାଁ କାଉ । ସେ କାହାର ଦୟାର ପାତ୍ର ନ ହୋଇ ନିଜ କର୍ତବ୍ୟରେ ହିଁ ବିଶ୍ୱାସ କରିଥାଏ ।

♥ ୯୯୯/୩ ଜଗ ମୋହନ ନଗର,
ଜାଗମ ରା
ଖଣ୍ଡଗିରି, ଭୁବନେଶ୍ୱର
(ମୋ) ୯୪୩୮୩୩୨୧୩୮

# ମହାନଦୀରେ କମିଛି ଜଳପ୍ରବାହ

ଭୁବନେଶ୍ୱର,୧୦/୧୨ (ନି.ପ୍ର): ମହାନଦୀରେ ଜଳପ୍ରବାହ କମିଛି । ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ସୂଚନା ଦେଇଛନ୍ତି । ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ମହାନଦୀରେ ଜଳପ୍ରବାହ ରୋକିବାକୁ ଛତିଶଗଡ଼ ସରକାର ପାଖାପାଖି ୫୧୬ ଚେକ ଡ୍ୟାମ କରିଛନ୍ତି । ଏହି ଚେକ ଡ୍ୟାମ ନିର୍ମାଣ ଦ୍ୱାରା ବାସ୍ତବରେ ଅଣମୌସୁମୀ ସମୟରେ ହୀରାକୁଦଠାରେ ମହନଦୀକୁ ଜଳ ପ୍ରବାହ କମିଛି । ହୀରାକୁଦ ଜଳଭଣ୍ଡାରକୁ ୨ ମିଲିଅନ ଏକର ଫୁଟ ମୌସୁମୀ ଜଳ ପ୍ରବାହ ଆସିବାକୁ ଥିବା ବେଳେ ଗତ ୧୯୯୧-୯୨ ରୁ ୨୦୦୪-୦୫ ମଧ୍ୟରେ ହାରାହାରି ୪ ପ୍ରତିଶତ ଏବଂ ୨୦୦୫-୦୬ ରୁ ୨୦୧୫-୧୬ ମଧ୍ୟରେ ୩୭ ପ୍ରତିଶତ କମିଛି । ସେହିପରି ୨୦୧୬-୧୭ ରେ ୬୫ ପ୍ରତିଶତ, ୨୦୧୭-୧୮ ରେ ୬୧ ପ୍ରତିଶତ, ୨୦୧୮-୧୯ ରେ ୫୭ ପ୍ରତିଶତ ଏବଂ ୨୦୧୯-୨୦ ରେ ୩ ପ୍ରତିଶତ ଜଳପ୍ରବାହ କମିଛି । ମହାନଦୀରେ ଜଳପ୍ରବାହ ବିବାଦର ମହାନଦୀ ଟ୍ରିବ୍ୟୁନାଲରେ ଅବବାହିକା ରାଜ୍ୟ ଯଥା ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ପକ୍ଷଭୁକ୍ତ ଅଛନ୍ତି, କିନ୍ତୁ କେନ୍ଦ୍ର ସରକାର ଏଥିରେ ପକ୍ଷଭୁକ୍ତ ନାହାନ୍ତି ।

# ଏମ୍ସରେ ଅତ୍ୟାଧୁନିକ ୩-ଡି ଲାପାରୋସ୍କୋପିକ୍ ପ୍ରକ୍ରିୟା ସମ୍ପର୍କିତ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦/୧୨ (ନି.ପ୍ର): ଲାପାରୋସ୍କୋପିକ୍ ୟୁରୋଲୋଜି ସମ୍ପର୍କରେ ଅଧିକ ଜାଣିବା ଏବଂ ଏହାର ବିଭିନ୍ନ ଦିଗ ଉପରେ ଅତ୍ୟାଧୁନିକ ଗବେଷଣାଲବ୍ଧ ତଥ୍ୟ ସମ୍ପର୍କରେ ଅବଗତ ହେବା ନିମନ୍ତେ ଏମ୍ସ ଭୁବନେଶ୍ୱରର ୟୁରୋଲୋଜି ବିଭାଗ ପକ୍ଷରୁ ଉନ୍ନତ ୩-ଡି ଲାପାରୋସ୍କୋପିକ୍ ୟୁରୋଲୋଜି ପ୍ରକ୍ରିୟା ସମ୍ପର୍କିତ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଭାରତର ଖ୍ୟାତିସମ୍ପନ୍ନ ଅନୁଷ୍ଠାନଗୁଡ଼ିକରୁ ଚିକିତ୍ସକ, ଗବେଷକ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଅଧ୍ୟାପକମାନଙ୍କ ଦ୍ୱାରା ବିଭିନ୍ନ ଅସ୍ତ୍ରୋପଚାର ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏମ୍ସର ଚିକିତ୍ସକଙ୍କ ସହିତ ଦେଶର ବିଭିନ୍ନ ଚିକିତ୍ସା ପ୍ରତିଷ୍ଠାନର ସହକର୍ମୀଙ୍କୁ ଏପରି ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଶିକ୍ଷା ଦେବା ଜରୁରୀ ଅଟେ । ଏହା ଫଳରେ ରୋଗୀମାନେ ଜଟିଳ ରୋଗରେ ଆକ୍ରାନ୍ତ ଥିଲେ ମଧ୍ୟ କଷ୍ଟକର ଏବଂ ବ୍ୟୟବହୁଳ ଚିକିତ୍ସା ପଦ୍ଧତି ବିନା ସ୍ୱଳ୍ପ ସମୟ ମଧ୍ୟରେ ସହଜରେ ଆରୋଗ୍ୟ ଲାଭ ହୋଇପାରିବେ ବୋଲି ଏମ୍ସ ଭୁବନେଶ୍ୱରର ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ ପ୍ରକାଶ କରିଛନ୍ତି । ପେସ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ମେଡଟ୍ରୋନିକ୍ ସଂସ୍ଥା ସହଯୋଗରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗର ଡ. ପ୍ରଶାନ୍ତ ନାୟକ, ଡ. ମନୋଜ ଦାସ ଏବଂ ଡ. ସ୍ୱର୍ଣ୍ଣେନ୍ଦୁ ମଣ୍ଡଳ ଏକାଧିକ ଅସ୍ତ୍ରୋପଚାର କରିଥିଲେ । ଯାହାକି ବେଶ୍ ଶିକ୍ଷଣୀୟ ହେବା ସହିତ ଅଂଶଗ୍ରହଣକାରୀଙ୍କ ପକ୍ଷରୁ ଉଚ୍ଚପ୍ରଶଂସିତ ହୋଇଥିଲା । ଡ. ଭାସ୍କର ରାଓ, ଡ. ନିତାଶା ରୟଙ୍କୁ ନେଇ ଗଠିତ ଆନାସ୍ଥେସିଆ ଟିମ୍ ସହିତ ଅପରେସନ୍ ଥିଏଟରର ନର୍ସିଂ ଏବଂ ବୈଷୟିକ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ ଯୋଗାଇଦେଇଥିଲେ । ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶିକା ପ୍ରଫେସର ଡକ୍ଟର ବି ଗୀତାଞ୍ଜଳି ୟୁରୋଲୋଜି ବିଭାଗର ଏପରି ଉଦ୍ୟମକୁ ପ୍ରଶଂସା କରିବା ସହିତ ଏଭଳି ଶିକ୍ଷଣୀୟ କାର୍ଯ୍ୟକ୍ରମ ରୋଗୀମାନଙ୍କ ପାଇଁ ଅଧିକ ସହାୟକ ହେବବୋଲି ମତବ୍ୟକ୍ତ କରିଛନ୍ତି । ବିଭିନ୍ନ ୟୁରୋଲୋଜିକାଲ୍ ରୋଗରେ ପୀଡିତ ରୋଗୀଙ୍କ ଉନ୍ନତ ଚିକିତ୍ସା ନିମନ୍ତେ ବିଭାଗ ନିୟମିତ ଭାବରେ ଏହିପରି କାର୍ଯ୍ୟକଳାପ ଜାରି ରଖିବ ବୋଲି ଡାକ୍ତର ଗୀତାଞ୍ଜଳି ସୂଚନା ଦେଇଛନ୍ତି ।

ଏହି କ୍ଷେତ୍ରରେ ଉନ୍ନତ ଚିକିତ୍ସା ତଥା ଗବେଷଣା ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ୟୁରୋଲୋଜି ବିଭାଗ ପକ୍ଷରୁ ନିର୍ଦ୍ଦେଶିକା ଡ. ଗୀତାଞ୍ଜଳିଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ୟୁରୋଲୋଜି ବିଭାଗ ପକ୍ଷରୁ ନିୟମିତ ଭାବରେ ସମସ୍ତ ଉନ୍ନତ ଲାପାରୋସ୍କୋପିକ୍ ଏବଂ ଅନ୍ୟାନ୍ୟ ସର୍ବନିମ୍ନ କଷ୍ଟକର ଉପାୟ ଅବଲମ୍ବନ ପ୍ରକ୍ରିୟା ଯଥା ରାଡିକାଲ୍ ନେଫେକ୍ଟୋମି, ସାଇଷ୍ଟେକ୍ଟୋମି ଏବଂ ପ୍ରୋଷ୍ଟେଟେକ୍ଟୋମି ଏବଂ ଲାପାରୋସ୍କୋପିକ୍ ପାଇଲୋପ୍ଲାଷ୍ଟୀ, ୟୁରେଟେରିକ୍ ରିମ୍ପ୍ଲାଂଟେସନ୍ ଏବଂ ଭେସିକୋ-ଭେଜିନାଲ୍ ଫିଜିନାଲାଲ୍ ଫିସ୍ଟୁଲା ରିପେୟାର୍ ପ୍ରକ୍ରିୟା ଜାରି ରହିଛି ।

# ଯୋଜନାରେ ରହିଯାଇଛି ରାଜ୍ୟର ୯ ବନ୍ଦର



ଭୁବନେଶ୍ୱର ,୧୦/୧୨ (ନି.ପ୍ର): ରାଜ୍ୟ ସରକାର ୧୨ଟି ନୂତନ ଅଣ ବୃହତ୍ତ ବନ୍ଦର ପ୍ରତିଷ୍ଠା ନିମନ୍ତେ ସ୍ଥାନ ନିରୂପଣ କରିବା ସହ ୨୦୦୪ ମସିହାରେ ଓଡ଼ିଶା ବନ୍ଦର ନୀତି ପ୍ରଣୟନ କରିଛନ୍ତି । ହେଲେ ୧୭ବର୍ଷ ମଧ୍ୟରେ ଏଥିରୁ ମାତ୍ର ୩ଟି ବନ୍ଦର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରିଛି । ବାକି ୯ଟି ବନ୍ଦର ଏବେବି ଅନିଶ୍ଚିତତା ଭିତରେ ରହିଛି । ବିଧାନସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ଏହି ସୂଚନା ମିଳିଛି । ସୂଚନା ଅନୁଯାୟୀ, ରାଜ୍ୟ ସରକାର ବାଲେଶ୍ୱରର ବିଚିତ୍ରପୁର, ସୁବର୍ଣ୍ଣରେଖା ମୁହାଣ, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡ଼ି, ଭଦ୍ରକ ଜିଲ୍ଲାର ଚୁଡ଼ାମଣି, ଜଗତସିଂହପୁରର ଜଟାଧାର ମୁହାଣ, ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ ବାଲିହରଚଣ୍ଡୀ, ଗଞ୍ଜାମ ଜିଲ୍ଲାର ପାଲୁର, ବାହୁଦା ମୁହାଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ମହାକାଳପଡ଼ା ବ୍ଲକର ଆଖଡ଼ାଶାଳୀରେ ନଦୀଭିତ୍ତିକ ବନ୍ଦର ପାଇଁ ଯୋଜନା କରିଥିଲେ । ହେଲେ ଏଥିରୁ ଏବେ ସୁଦ୍ଧା ସୁବର୍ଣ୍ଣରେଖା ମୁହାଣରେ ପ୍ରାରମ୍ଭିକ କାମ, ଅସ୍ତରଙ୍ଗ ବନ୍ଦରରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି । ମହାକାଳପଡ଼ା ବ୍ଲକର ଆଖଡ଼ାଶାଳୀରେ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ପାରାଦୀପ ବନ୍ଦର ଟ୍ରଷ୍ଟକୁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଛି ।

# କାନ୍ତକବିଙ୍କ ସୃଷ୍ଟି ଉତ୍କଳର ସର୍ବକାଳୀନ ଦର୍ଶନ

ଭୁବନେଶ୍ୱର,୧୦/୧୨ (ନି.ପ୍ର): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଓଡ଼ିଆ ଜାତିର ଗୌରବ, ମହାନ୍ କବି, ସ୍ୱାଧୀନତା ସଂଗ୍ରାମୀ, ବହୁମୁଖୀ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମୁଖ୍ୟ ମହାଡ଼ାକପାଳସ୍ଥିତ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ସ୍ମୃତିଚାରଣ କରି ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରି କହିଥିଲେ, କାନ୍ତକବି ଥିଲେ ଓଡ଼ିଆ ଜାତିର ଚିର ବନ୍ଦନୀୟ, କବି, ସମ୍ପାଦକ, ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ । ଏହା ବ୍ୟତୀତ ତାଙ୍କ ରଚିତ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଆଜି ସମଗ୍ର ଉତ୍କଳର ଶ୍ରେଷ୍ଠ ସଙ୍ଗୀତ ଭାବେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିପାରିଛି । ତାଙ୍କ ନିଷ୍ଠା, ଆଦର୍ଶ, ସାରସ୍ୱତ କୃତି ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାରସ୍ୱତ ପ୍ରତିଭା କାମଦେବ ମହାପାତ୍ରଙ୍କୁ କାନ୍ତକବି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଉକ୍ତ ସ୍ମୃତିଚାରଣ ସଭାରେ ଅଭିଯାନର ସଂଯୋଜକ ନାରାୟଣ ଚନ୍ଦ୍ର ଓଝା, ରୋହିତ କୁମାର, ରମେଶ ଚନ୍ଦ୍ର ପାତାଳସିଂ, ତନ୍ମୟ ସାମନ୍ତରାୟ, କବି ନିରାକାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ସବୁ ସ୍କୁଲ କଲେଜରେ କରୋନା ଟେଷ୍ଟ କରିବାକୁ ଜିଲ୍ଲାପାଳମାନଙ୍କୁ ଚିଠି

ଭୁବନେଶ୍ୱର,୧୦/୧୨ (ନି.ପ୍ର): ଓମିକ୍ରନ୍ ର ଭୟାଭୟତାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ରେ ଆରଟିପିସିଆର ଟେଷ୍ଟ କରିବାକୁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ । ପିଲାମାନଙ୍କ ସୁରକ୍ଷର ପାଇଁ ସ୍କୁଲ ମାନଙ୍କରେ ବିଏମସି ର କରୋନା ଟେଷ୍ଟିଂ କୁ ଆୟୋଗ ସ୍ୱଗତ କରିବା ସହ ସାରା ରାଜ୍ୟରେ ଏଭଳି ଅଭିଯାନ କରିବାକୁ ସେ କହିଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି ଯେ ଟୀକା ନନେଇଥିବାରୁ ଶିଶୁ ମାନଙ୍କ କ୍ଷେତ୍ରରେ ବିପଦ ରହିଛି ।

# କୃଷି ବିବିଧତା ଓ ଅମଳ ବୃଦ୍ଧି ସହ କୃଷିର ବ୍ୟବସାୟିକ ଦିଗ ନିରୁପଣ କୃଷକମାନଙ୍କୁ ଲାଭାନ୍ୱିତ କରିବ

ଭୁବନେଶ୍ୱର,୧୦/୧୨ (ନି.ପ୍ର): କୃଷି ବିବିଧତା ଓ ଅମଳ ବୃଦ୍ଧି ସହ କୃଷିର ବ୍ୟବସାୟିକ ଦିଗ ଉପରେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତି ନିଆଯାଇଛି । ଆମେ ନୀତି ନିର୍ଦ୍ଧାରଣ ଓ ପଦକ୍ଷେପ ନେବା ଦାୟିତ୍ୱରେ ଥିବା ହେତୁ ରାଜ୍ୟର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ କୃଷି ବିଭାଗ, କୃଷି ବଜାର ଟିମ୍ ଏବଂ କୃଷି ବ୍ୟବସାୟ ଟିମ୍ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ତ୍ରିପାଠୀ ସୂଚାଇଛନ୍ତି । ଅଣଧାନ କୃଷିର ବଂଟନ ଓ ବଜାରକୁ ନେଇ ରହିଥିବା ସମସ୍ୟାର ସମାଧାନ ନିମନ୍ତେ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ରଣ ନୀତି ପ୍ରସ୍ତୁତ କରିବାକୁ ହେବ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆପିକଲ୍ ରେ ମାନବସମ୍ବଳକୁ ବୃଦ୍ଧି କରିବାର ଆବଶ୍ୟକତା ଥିବାରୁ ଏ ସଂକ୍ରାନ୍ତରେ ତୁରନ୍ତ ମୁଖ୍ୟ ଶାସନ ସଚିବଙ୍କ ଅନୁମୋଦନ ସକାଶେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଯେଉଁ କୃଷକମାନେ ଧାନ ଚାଷରୁ ଅଣଧାନ ଚାଷ ପ୍ରତି ମନ ବଳାଉଛନ୍ତି ସେମାନଙ୍କୁ ସୁବିଧା ଉପଲବ୍ଧ କରାଗଲେ ତାହା ଦ୍ୱାରା ଅନ୍ୟମାନେ ମଧ୍ୟ ଆଗ୍ରହ ପ୍ରକାଶ କରିବେ । ତେଣୁ ସେ ଦିଗରେ ପ୍ରଭାବୀ ଭାବେ କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାସ୍ତରର ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରିବାକୁ ହେବ ବୋଲି ସେ କହିଥିଲେ । ସେହିଭଳି ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ଏବଂ ଆପିକଲର ମିଳିତ ଉଦ୍ୟମରେ ଗୋ-ସ୍ୱିଫ୍ଟ ଭଳି ଏକ ଡିଜିଟାଲ୍ ଲିଙ୍କେଜ୍ ସୃଷ୍ଟି କରି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଉଦ୍ୟୋଗୀମାନଙ୍କୁ ପ୍ରକ୍ରିୟାକରଣ ସକାଶେ ସୁଯୋଗ ଦେବାକୁ ଉଭୟ ଆପିକଲ ଏବଂ ଆରଏମ୍ସି ମଧ୍ୟରେ ଲିଙ୍କେଜ୍ କରିବାକୁ ହେବ । ଯେଉଁସବୁ ଅର୍ଗାନିକ୍ ଶସ୍ୟ କ୍ରୟ କରାଯାଉଛି ସେସବୁର ପ୍ରମାଣପତ୍ର ସ୍ୱୟଂ ପ୍ରଦାନ କଲେ ତାହା ସୁସଂଗଠିତ ବଜାରରେ ଗ୍ରହଣଯୋଗ୍ୟ ହେବ ନାହିଁ । ଏ ସଂକ୍ରାନ୍ତରେ ବିଶେଷ ଆଲୋଚନା ପାଇଁ ଚଳିତ ଡିସେମ୍ବର ୧୮ ତାରିଖରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଖାଦ୍ୟ ଉତ୍ପାଦନ ସଂଗଠନମାନଙ୍କୁ ନେଇ ଏକ ବୈଠକ ଆହୂତ କରାଯିବ । ଏଥି ସହ କେଉଁଝର ଓ ମୟୂରଭଞ୍ଜଠାରେ 'ଇଣ୍ଡଷ୍ଟ୍ରି କେୟାର' କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପ୍ରମୁଖ ଖାଦ୍ୟ ଉତ୍ପାଦନ ସଂଗଠନ ଓ ଉଦ୍ୟୋଗୀମାନଙ୍କ ସହ ଆପିକଲର ପରିଚାଳନା ନିର୍ଦ୍ଦେଶକ ଏବଂ ଶିଳ୍ପ ବିଭାଗର ଅଧିକାରୀମାନେ ମତବିନିମୟ କରିବେ । ଶୀତଳ ଭଣ୍ଡାର ନିର୍ମାଣ କରି ବ୍ୟବସାୟିକ ଦିଗରେ ପରିଚାଳନା ସକାଶେ ଉଦ୍ୟୋଗୀମାନଙ୍କୁ ନେଇ ବୈଠକ କରିବା ଏବଂ ମାର୍କଫେଡ୍ ର ପୁନର୍ବିନ୍ୟାସ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା ।

ଏହି ଆଲୋଚନାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଶାସନ ସଚିବ ବୀରବିକ୍ରମ ଯାଦବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓସାମ୍ ବୋର୍ଡର ସଦସ୍ୟସଚିବ ବିଶ୍ୱରଞ୍ଜନ ସାସମଲ, କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ରୋହିତ ଲେଙ୍କା, ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ରାଉଳଙ୍କ ସମେତ ଏସବୁ ବିଭାଗର ଉଚ୍ଚଅଧିକାରୀ ପ୍ରମୁଖ ଭାଗ ନେଇଥିଲେ ।

# କାନ୍ତକବିଙ୍କ ନାମରେ ଡାକଟିକଟ ପ୍ରଚଳନ ପାଇଁ ଦାବି

ଭୁବନେଶ୍ୱର,୧୦/୧୨ (ନି.ପ୍ର): ଓଡିଶା ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ଆଜି ସକାଳ ୯ଟା ସମୟରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ କାନ୍ତକବିଙ୍କ ଦାୟଦ ତଥା ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର ଯୋଗଦେଇ ବରପୁତ୍ରଙ୍କ ନାମରେ ଡାକଟିକେଟ ପ୍ରଚଳନ ପାଇଁ ଦାବି କରିବା ସହିତ କାନ୍ତକବି ମାଣବସା ଗୁରୁବାର ଦିନ ଜନ୍ମଗ୍ରହଣ କରିଥିବାରୁ ତାଙ୍କ ନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା ବୋଲି କହିଥିଲେ । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ଗତବର୍ଷ ରାଜ୍ୟ ସଙ୍ଗୀତ ଭାବେ ମାନ୍ୟତା ଦେବା ସହିତ ପାଠ୍ୟପୁସ୍ତକରେ ସାମିଲ କରିଥିବାରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଧାନସଭା ଗବେଷଣା ଅଧିକାରୀ ଅମୂଲ୍ୟ କୁମାର ସ୍ୱାଇଁ, ଦାୟଦ ଗୋପୀ କଲ୍ୟାଣ ମହାପାତ୍ର, ଉପ-ସଭାପତି ଶିତଳଚନ୍ଦ୍ର ମହାନ୍ତି, ସମ୍ପାଦିକା ବାସନ୍ତି ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ଅକ୍ଷୟ କୁମାର ଜେଠୀ, ସମରଞ୍ଜନ ମହାନ୍ତି, ଅଜୟ କାନୁନଗୋ ଓ ସୁମନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଜାତୀୟସ୍ତରରେ 'ଜାଗା ମିସନ୍' ପୁରସ୍କୃତ




ଭୁବନେଶ୍ୱର : ରାଜ୍ୟ ସରକାରଙ୍କ 'ଜାଗା ମିସନ' ଯୋଜନା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଜାତୀୟସ୍ତରର ପୁରସ୍କାର 'ଏସିଆ ପାସିଫିକ୍ ହାଉସିଂ ଫୋରମ୍ ଇନୋଭେସନ ଆୱାର୍ଡ-୨୦୨୧ ମିଳିଛି । 'ହାବିଟାଟ୍ ଫର ହ୍ୟୁମାନିଟି' ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଓଡ଼ିଶା ୫୦ ରାଜ୍ୟଙ୍କୁ ପଛରେ ପକାଇ ଏହି ସମ୍ମାନ ପାଇଛି । ଜାଗା ମିସନ କ୍ଷେତ୍ରରେ ଆଇନ୍ ?ର ସଫଳ ରୂପାୟନ, ନୀତି ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଗ୍ରହଣ କରାଯାଇଥିବା ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଓଡ଼ିଶାକୁ ପୁରସ୍କୃତ କରାଯାଇଛି । ବସ୍ତି ବାସିନ୍ଦାଙ୍କୁ ଜବର ଦଖଲକାରୀ ନ ଭାବି ସେମାନଙ୍କୁ ରହିବା ପାଇଁ ଜାଗା ବ୍ୟବସ୍ଥା କରିବା ଅଭିନବ ଚିନ୍ତାଧାରା । ବସ୍ତି ବାସିନ୍ଦାଙ୍କୁ ଜମିର ସ୍ୱତ୍ୱାଧିକାର ନିୟମ-୨୦୧୭ କାର୍ଯ୍ୟକାରୀ କରାଇବା ଓ ବସ୍ତି ଉନ୍ନୟନ ସଂଘ ମାଧ୍ୟମରେ ବସ୍ତିଗୁଡ଼ିକର ବିକାଶ ପାଇଁ ଯେଉଁ ପଦ୍ଧତି ଆପଣାଯାଇଛି ତାହା ସ୍ୱତନ୍ତ୍ର ବୋଲି ଜୁରିମାନେ ବିବେଚନା କରିଛନ୍ତି । ୨୦୧୯ ମସିହାରେ ମଧ୍ୟ ଜାଗା ମିସନ ଜାତୀୟସ୍ତର 'ୱାର୍ଲ୍ଡ ହାବିଟାଟ୍ ପୁରସ୍କାର' ହାସଲ କରିଥିଲା । ଆଜି ଏହି ଯୋଜନାକୁ ଦ୍ୱିତୀୟ ଜାତୀୟସ୍ତରର ପୁରସ୍କାର ମିଳିଛି । ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୧ଲକ୍ଷ ୭୫ ହଜାର ପରିବାରଙ୍କୁ ଏହି ଜାମା ମିସନ୍‌ରେ ଜମି ଯୋଗାଇ ଦିଆଯାଇଛି । ୨୮ ସହରରେ ୫୫୦ ବସ୍ତିକୁ ଥଇଥାନ କରାଯାଇଛି । ଗରିବ ଓ କମ୍ ରୋଜଗାର କରୁଥିବା ଲୋକଙ୍କ ପାଇଁ ଏହା ଆଶୀର୍ବାଦ ଭାବେ କାମ କରୁଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ବିଭାଗୀୟ ପ୍ରମୁଖ ସଚିବ ଜି ମାଥିଭାଥନାନ୍ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ପୁରସ୍କାର ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଭାଗର ପଦାଧିକାରୀ ମାନଙ୍କୁ ସେମାନଙ୍କର କଠିନ ପରିଶ୍ରମ ପାଇଁ ସାଧୁବାଦ ଜଣାଇଛନ୍ତି ।

# ଘରୋଇ ପରିଚାରିକାମାନଙ୍କ ଆଇନ ପ୍ରଣୟନ ପାଇଁ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୦/୧୨ (ନି.ପ୍ର): ନିର୍ମଳା ନିକେତନ ଦିଲ୍ଲୀ ତରଫରୁ ଘରୋଇ ପରିଚାରିକାମାନଙ୍କ ଆଇନ୍ ପ୍ରଣୟନ ପାଇଁ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥିଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ ଯେ, ଘରୋଇ ପରିଚାରିକାମାନଙ୍କ ସମସ୍ୟା ଏକ ବଡ଼ ସମସ୍ୟା । ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ବିଚାର କରି ଆଇନ ଯେଭଳି ଖୁବ୍‌ଶୀଘ୍ର ପ୍ରଣୟନ କରାଯିବ, ସେଥିପାଇଁ ଶ୍ରମମନ୍ତ୍ରୀ ଏବଂ ଶ୍ରମ କମିଶନଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ । ନିର୍ମଳା ନିକେତନର ଲିଗାଲ ପରାମର୍ଶଦାତା ଶୁଭାଶିଷ ଭଞ୍ଜନଗର କହିଥିଲେ ଯେ, ସାରା ଦେଶରେ ଘରୋଇ ପରିଚାରିକାମାନଙ୍କର ସମସ୍ୟା ଏକ ଜଟିଳ ରୂପ ଧାରଣ କରିଛି । ଯାହାଫଳରେ ଘରୋଇ କାର୍ଯ୍ୟ କରୁଥିବା ମହିଳାମାନଙ୍କ ଉପରେ ଶାରୀରିକ, ମାନସିକ ଓ ଆର୍ଥିକ ନିର୍ଯାତନା ବଢି ବଢି ଚାଲିଛି । ଏଥିରୁ ମୁକ୍ତି ମିଳିବାକୁ ହେଲେ ଆଇନ୍ ପ୍ରଣୟନ ଜରୁରୀ ଅଟେ । ଏହି କାର୍ଯ୍ୟକ୍ରମକୁ କୋଅର୍ଡ଼ିନେଟର ଚିନ୍ମୟ ସାମଲ ପରିଚାଳନା କରିଥିବାବେଳେ ବିଜ୍ଞାନୀ ସହଯୋଗ କରିଥିଲେ । ଏହାବ୍ୟତୀତ ଓଡ଼ିଶାର ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ଜଗତସିଂହପୁର, ଭଦ୍ରକ, ଝାରସୁଗୁଡ଼ା, ଭୁବନେଶ୍ୱର, କଟକ ଓ ପୁରୀ ସମେତ ବହୁ ଜିଲ୍ଲାର ଘରୋଇ ପରିଚାରିକାମାନେ ଯୋଗ ଦେଇଥିଲେ ।

ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ଘରୋଇ ପରିଚାରିକା ମହାସଂଘର ରାଜ୍ୟ ସଭାପତି ପ୍ରତାପ ସାହୁ ସମ୍ମିଳନୀକୁ ପରିଚାଳନା କରିଥିବାବେଳେ ପରିନତା, ମଞ୍ଜୁଲତା, ସୁଷମା, ସିଷ୍ଟର ସୋଫିଆ, ଲକ୍ଷ୍ମୀପ୍ରିୟା ମହାନ୍ତି, ସିଟୁର ରମେଶ ଚନ୍ଦ୍ର ଜେନା, 'ଅକ୍ଷର'ର ସମ୍ପାଦକ ଅମୀୟ ପାଣ୍ଡବ, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏକ ସାତଜଣିଆ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ସହିତ ଘରୋଇ ପରିଚାରିକାମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯିବ । ଶେଷରେ ମଧୁସ୍ମିତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ଦୋଳନକାରୀଙ୍କ ସ୍ୱର ଦମନ କରିବ ଭଏସ ଜାମର

ଭୁବନେଶ୍ୱର ,୧୦/୧୨ (ନି.ପ୍ର): ଆନ୍ଦୋଳନକାରୀଙ୍କ ସ୍ୱର ଦମନ କରିବ ଭଏସ୍ ଜାମର । ରାଲି, ଶୋଭାଯାତ୍ରାରେ ଯେତେ ଉତ୍ତେଜିତ ଭାଷଣ ହେଉ କି ନାରାବାଜି କଲେ ବି କାହାରି ସ୍ୱର କାହାକୁ ଶୁଣାଯିବ ନାହିଁ । ବିକ୍ଷୋଭକାରୀଙ୍କ ସ୍ୱରକୁ ଭଣ୍ଡୁର କରିବ ଭଏସ୍ ଜାମର । ଏହାକୁ ରସିୟାନ ସାଇରନ୍ ବୋଲି କୁହାଯାଏ । ଏହି ସାଇରନ୍ ଆକ୍ଟିଭ୍ ହେବା ମାତ୍ରେ ୫ ଶହ ମିଟର ପରିସୀମା ଭିତରେ ଥିବା ସମସ୍ତ ମାଇକ୍‌କୁ ଭଣ୍ଡୁର କରିହେବ । କେବଳ ପ୍ରଚଣ୍ଡ ବିରକ୍ତିକର ଶବ୍ଦ ହେବ । ଗୁରୁବାର ଦିନ ରାଜଧାନୀରେ ବିଜେଡି ଓ ବିଜେପି ବିକ୍ଷୋଭ ବେଳେ ଏହି ସାଇରନ୍‌କୁ ବ୍ୟବହାର କରାଯାଇଥିଲା । ଫଳରେ ଅତି ବିରକ୍ତିକର ଶବ୍ଦ ଶୁଣାଯାଇଥିଲା । କାନ ସମ୍ପୂର୍ଣ୍ଣ ବଧିର ହୋଇପଡୁଥିଲା । ଏହାକୁ ପରୀକ୍ଷାମୂଳକ ଭାବେ କମିସନରେଟ୍ ପୁଲିସ ବ୍ୟବହାର କରିଛି । ପ୍ରଥମ ପର୍ଯ୍ୟାୟରେ ୪ଟି ଭଏସ୍ ଜାମର ଅଣାଯାଇଛି । ଆଗକୁ ସାରା ରାଜ୍ୟରେ ବ୍ୟବହାର କରାଯିବ । ପ୍ରତି ଜିଲ୍ଲାର ଏସ୍‌ପି ଅଫିସ୍‌କୁ ଏହି ଜାମର ପଠାଯିବ । ଦିନକୁ ଦିନ ଆନ୍ଦୋଳନଗୁଡ଼ିକ ତୀବ୍ର ହେଉଛି । ମୁଖିଆ, ଆଗଧାଡିର ନେତା, ଛାତ୍ରନେତାଙ୍କ ଉତ୍ତେଜିତ ଭାଷଣ ଓ ନାରାବାଜିରେ ଆନ୍ଦୋଳନକାରୀ ଉତ୍ତେଜିତ ହୋଇ ଆକ୍ରମଣାତ୍ମକ ହେଉଛନ୍ତି । ଏସବୁରେ ଅଙ୍କୁଶ ଲଗାଇବା ପାଇଁ ରାଜ୍ୟ ପୁଲିସ ଏଭଳି ପନ୍ଥା ଆପଣାଇଛି । ଫଳରେ ଆନ୍ଦୋଳନକାରୀ ଆକ୍ରମଣାତ୍ମକ ହେବା ବଦଳରେ ବିରକ୍ତି ହୋଇ ଫେରିବେ ।

# ବିଶ୍ୱବିଦ୍ୟାଳୟ ସମସ୍ୟା ନେଇ କୁଳାଧିପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର ,୧୦/୧୨ (ନି.ପ୍ର): ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପ୍ରତି ହେଉଥିବା ଅନ୍ୟାୟ ପ୍ରତିବାଦରେ ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘ ପକ୍ଷରୁ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ?ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାସଂଘ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ନିଯୁକ୍ତି ଓ ପଦୋନ୍ନତି ନିୟମ-୧୯୯୧କୁ ପ୍ରତ୍ୟାହାର କରି ରାଜ୍ୟ ଲୋକସେବା ଭବନରେ ଲାଗୁ ନିୟମକୁ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପାଇଁ ସିଧାସଳଖ ଲାଗୁ କରାଯାଉ । ସରକାରୀ କର୍ମଚାରୀଙ୍କ ପ୍ରତି ଲାଗୁ ହୋଇଥିବା କ୍ୟାଡର ରୁଲ୍ ବିଶ୍ୱବିଦ୍ୟାଳୟରେ ପ୍ରଣୟନ ହେଉ । ସମସ୍ତ ବିଶ୍ୱବିଦ୍ୟାଳୟରେ ଜିଆଇଏସ୍ ଲାଗୁ ସହ ଖାଲିଥିବା ପଦବି ପୂରଣ ଓ ପଦୋନ୍ନତି ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି । ପ୍ରଫେସରମାନଙ୍କ ଅବସର ବୟସସୀମାକୁ ୬୦ରୁ ୬୨ବର୍ଷକୁ ବୃଦ୍ଧି, ଅସ୍ଥାୟୀ ଓ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସିଣ୍ଡିକେଟ୍ ତଥା ବୋର୍ଡ ଅଫ୍ ମ୍ୟାନେଜମେଣ୍ଟରେ ବିଶ୍ୱବିଦ୍ୟାଳୟର କର୍ମଚାରୀଙ୍କୁ ସଦସ୍ୟତା ପ୍ରଦାନ କରିବାକୁ କୁଳାଧିପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ମହାସଂଘର ୫ ଜଣିଆ ପ୍ରତିନିଧି ଦଳରେ ସଭାପତି ଶାରଦା ଚରଣ ମହାନ୍ତି, ରଞ୍ଜନ କୁମାର ସାମନ୍ତରାୟ, କୀର୍ତ୍ତିସୁନ୍ଦର ଦାସ, ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଚିନ୍ତାମଣି ମିଶ୍ର ସାମିଲ ଥିଲେ । ମହାସଂଘର ଦାବିଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନେବାକୁ କୁଳାଧିପତି ପ୍ରଫେସର ଲାଲ୍ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ବୋଲି ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗ

# କେନ୍ଦ୍ର ଗୃହ, ଶିକ୍ଷା, ସଂସ୍କୃତି ମନ୍ତ୍ରଣାଳୟକୁ ନୋଟିସ୍ ପଠାଇଲେ ଅକ୍ଷୟ ପରିଜା

ଭୁବନେଶ୍ୱର,୧୦/୧୨ (ନି.ପ୍ର): ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦାବିରେ କେନ୍ଦ୍ର ଗୃହ, ଶିକ୍ଷା ଓ ସଂସ୍କୃତି ମନ୍ତ୍ରଣାଳୟକୁ ନୋଟିସ୍ ପଠାଇଛନ୍ତି ଚଳଚ୍ଚିତ୍ର ନିର୍ମାତା ଅକ୍ଷୟ ପରିଜା । ସିପିସିର ଧାରା ୮୦ ଅନୁଯାୟୀ ଆସନ୍ତା ୬୦ଦିନ ଭିତରେ ଏ ସଂକ୍ରାନ୍ତରେ ଉତ୍ତର ରଖିବାକୁ କୁହାଯାଇଛି । ଅକ୍ଷୟ ପରିଜାଙ୍କ ଓକିଲ ସିଦ୍ଧାର୍ଥ ପରିଡ଼ା କହିଛନ୍ତି ଯେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନ କରିବା ଲାଗି ୨୦୧୭ ମସିହାରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ଲାଗି ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଥିଲା । ପରବର୍ତୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କୁ ଚିଠି ଲେଖି ୧୮୧୭ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବାକୁ ଦାବି କରିଥିଲେ । ଏହାସହ ତତ୍କାଳୀନ ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭଡେକର ମଧ୍ୟ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା କରାଯିବା ସହିତ ପୁସ୍ତକରେ ସ୍ଥାନ ପାଇବ ବୋଲି ରାଜଧାନୀରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ହେଲେ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ସୂଚନା ଦେଇଛନ୍ତି । ତେଣୁ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବା ସହିତ ପୁସ୍ତକରେ ଏହାକୁ ସ୍ଥାନ ଦେବା ଲାଗି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ନୋଟିସ୍ ?ରେ ଉଲ୍ଲେଖ ହୋଇଛି ।

୬୦ଦିନ ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସିଭିଲ ସୁଟ୍ ଆବେଦନ କରାଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି । କେନ୍ଦ୍ର ଗୃହ, ଶିକ୍ଷା ଓ ସଂସ୍କୃତି ମନ୍ତ୍ରଣାଳୟ ବାଦ୍ ରାଜ୍ୟ ଶିକ୍ଷା, ସଂସ୍କୃତି ଓ ଗୃହ ବିଭାଗ, ଆଇଏଚ୍‌ସି, ଆଇସିଏଚ୍‌ଆର, ଏନ୍‌ସିଇଆରଟି, ରାଜ୍ୟ ଟିଇ ଓ ଏସ୍‌ସିଇଆରଟି ନିର୍ଦ୍ଦେଶାଳୟକୁ ମଧ୍ୟ ନୋଟିସ୍ ଦିଆଯାଇଛି ।

## ଝାଡଖଣ୍ଡରେ ଜାତୀୟ ଜଳରଂଗ କର୍ମଶାଳା : ଓଡିଶାରୁ ଯୋଗ ଦେଲେ ମୁକ୍ତିପଦ

ଜଳେଶ୍ୱର, ୧୦/୧୨(ନିପ୍ର): ଜାତୀୟ ସ୍ତରରେ ବିଭିନ୍ନ ଶାସ୍ତ୍ରୀୟ ଓ କଳାଭାସ୍କର୍ଯ୍ୟରେ ଅଭିଜ୍ଞତା ଥିବା ବ୍ୟକ୍ତି ବିଶେଷଙ୍କୁ ନେଇ କର୍ମଶାଳା ଓ ପ୍ରସ୍ୱାହନ ଯୋଗାଇ ଦିଆଯାଇ ଆସୁଛି । ଗତ ୪ ତାରିଖରୁ ୬ତାରିଖ ଝାଡ ଖଣ୍ଡ ରାଜ୍ୟର ଗାଲୁଡିହ ଠାରେ ୱାଟର ଆର୍ଟ ପାଉଣ୍ଡେସନ ଆୟୋଜନରେ ଏକ ଜାତୀୟ ସ୍ତରର ଜଳ ରଂଗ କର୍ମଶାଳା ଆୟୋଜିତ ହୋଇଛି । ଏଥିରେ ପେଣ୍ଟନ ଇନ୍ ନେଚରର୍ସରେ ଦେଶର ବରିଷ୍ଠ ଜଳରଂଗ ଶିଳ୍ପୀ ଅମିତ୍ କାପୁର, ପ୍ରଭିନ୍ କର୍ମକାର ଓ ସଂଜୟ ଦେଶାଇଙ୍କ ସହିତ ମୋଟ ୬୦ଜଣ ଶିଳ୍ପୀଙ୍କୁ ନେଇ କର୍ମଶାଳା ଆୟୋଜିତ ହୋଇ ଯାଇଛି । ଏଥିରେ ଓଡିଶାରୁ ଏକମାତ୍ର ଶିଳ୍ପୀ ମୁକ୍ତିପଦ ନନ୍ଦୀ ଯୋଗ ଦେଇ ବିଭିନ୍ନ କର୍ମଶାଳାରେ କୃତିତ୍ୱ ଅର୍ଜନ କରିଛନ୍ତି । ୱାଟର ଆର୍ଟ ଫାଉଣ୍ଡେସନର ସଂପାଦକ ତପନ ରୟ ଏଥିରେ ସୂଚନା ଦେବାକୁ ଯାଇ ଝାଡଖଣ୍ଡ ରାଜ୍ୟର ପ୍ରାକୃତିକ ପରିବେଶକୁ ଚିତ୍ରଶିଳ୍ପୀମାନେ ରଂଗ ଓ ତୂଳୀରେ ନିଖୁଣ ଭାବରେ ପ୍ରଦର୍ଶିତ କରିଥିବା ସଂପର୍କରେ କହିଛନ୍ତି । ଦିଲ୍ଲୀ, ବାଙ୍ଗାଲୋର, କଲକତା, ରାଂଚି, ମହାରାଷ୍ଟ୍ର, ପୁନେ, ଆସାମରୁ ଶିଳ୍ପୀମାନେ ଯୋଗ ଦେଇଥିଲେ ।

## ବିପିନ୍ ରାଓତ ଓ ବୀର ଜବାନଙ୍କ ଅକାଳ ବିୟୋଗରେ ମହମବତୀ ଶୋଭାଯାତ୍ରା

ଜଳେଶ୍ୱର ୧୦/୧୨(ନିପ୍ର): ଭାରତୀୟ ସେନାମୁଖ୍ୟ ଜେନେରାଲ ବିପିନ୍ ରାଓତ ଓ ୧୨ଜଣ ଜବାନରେ ଅକଳ ବିୟୋଗରେ ଦେଶ ମ୍ରିୟମାଣ । ତେଣୁ ବିଭିନ୍ନ ସ୍ଥାନରେ ବୀର ସହିଦ୍ ଜବାନ ପ୍ରତି ସମ୍ମାନ ପ୍ରଦାର୍ଶନ ତଥା ଶୋକ ସଭା ମାନ ଅନୁଷ୍ଠିତ ହୋଇ ଆସୁଛି । ଜଳେଶ୍ୱର ଷ୍ଟେସନ ବଜାରଠାରେ ବିଜୁ ଯୁବ ଓ ଛାତ୍ରଜନତା ଦଳ ପକ୍ଷରୁ ଏହି ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭାଯାତ୍ରା ଓ ଶୋକ ପାଳନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ବୋଲି ଯୁବ ସଭାପତି ଆନନ୍ଦ କର କହିଛନ୍ତି ।

## ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ନୀଳଗିରି ଗ୍ରସ୍ତ

ନୀଳଗିରି, ୧୦/୧୨ (ନି.ପ୍ର): ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଭବେଶ କୁମାର ନାୟକ ଦିନ ୧୧ଟା ସମୟରେ ନୀଳଗିରି ଗ୍ରସ୍ତରେ ଆସି ନୀଳଗିରି ଜେଲ, ତହସିଲ ଅଫିସ ଏବଂ ଅନ୍ୟାନ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସମୀକ୍ଷା କରି ଫେରିଯାଇଥିବା ଜଣାଇପଡ଼ିଛି । ଗ୍ରସ୍ତ ସଂପର୍କରେ ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନାୟକରେ ଜିଲ୍ଲା ପ୍ରଶାସନର ରୁଟିନ୍ କାର୍ଯ୍ୟକ୍ରମ ବୋଲି ସୂଚନା ଦେଇଛନ୍ତି ।

## ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ବୃଦ୍ଧବୃଦ୍ଧା ଶୀତବସ୍ତ୍ର ବଂଟନ

ନୀଳଗିରି, ୧୦/୧୨ (ନି.ପ୍ର): ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ବୃଦ୍ଧବୃଦ୍ଧା କମ୍ବଳ ବଂଟନ କରାଯାଇଛି । ନୀଳଗିରି ଏନ.ଏ.ସି. ୧୦ନଂ. ୱାର୍ଡର ବୃଦ୍ଧାବୃଦ୍ଧ ମାନଙ୍କୁ ଆଜି କମ୍ବଳ ବଂଟନ କରାଯାଇଛି । ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ରଙ୍କ ଅଧକ୍ଷତାରେ ଉକ୍ତ ୱାର୍ଡରେ ଥିବା ଅସହାୟ ବୃଦ୍ଧ ବୃଦ୍ଧା, ଗରିବ ଖଟିଖିଆ ମାନଙ୍କୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳ ବଂଟନ କରାଯାଇଥିଲା । ସବ୍ୟସାଚୀ ମହାପାତ୍ରଙ୍କର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଜିକେ ଭଟ୍ଟର ହସ୍ପିଟଲରେ ଅଗ୍ନିକାଣ୍ଡ : ଅଳ୍ପକେ ବର୍ତ୍ତିଲେ ରୋଗୀ ଓ କର୍ମଚାରୀ

ଜଳେଶ୍ୱର, ୧୦/୧୨(ନିପ୍ର): ଆଜି ଦିନ ୨ଟାରେ ଜିକେ ଭଟ୍ଟର ହସ୍ପିଟାଲରେ ହଠାତ୍ ଅଗ୍ନିକାଣ୍ଡ ଘଟିବାରୁ ରୋଗୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । କାରଣ ଜଣାପଡିନଥିଲେ ମଧ୍ୟ ରକ୍ତ ସଂରକ୍ଷଣ ୟୁନିଟ୍ ପୋଡି ଯାଇଥିବା ସହ କାର୍ଯ୍ୟକ୍ଷମ ନେଇ ଆଶା ମଉଳିଥିବାର କୁହାଯାଇଛି । ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଡାକ୍ତରଖାନା ଏକ ରେଫେରାଲ ୟୁନିଟ୍ । ୬୦ନଂ ଜାତୀୟ ରାଜପଥ ଓ ୫୭ନଂ ରାଜ୍ୟ ରାଜପଥର ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଜରୁରୀ ଚିକିତ୍ସା ଓ ପ୍ରସୂତୀମାନଙ୍କର ଆବାଶ୍ୟକ ରକ୍ତ ଯୋଗାଣ ଲାଗି ଭଟ୍ଟର ଡାକ୍ତରଖାନାରେ ଏକ ରକ୍ତ ସଂରକ୍ଷଣ କେନ୍ଦ୍ର ରହିଛି । କିନ୍ତୁ ଗତ କିଛିମାସ ପୂର୍ବରୁ ଏଥିରେ ଥିବା ଫ୍ରାଜ୍ଟି ଅକାମି ହୋଇ ପଡିବାରୁ ରକ୍ତ ସଂରକ୍ଷଣ ହୋଇ ପାରୁନଥିଲା ।



ଜଳେଶ୍ୱରର ବହୁ ସଂଗଠନ ଏବଂ ବ୍ୟକ୍ତି ବିଶେଷ ରକ୍ତ ସଂରକ୍ଷଣ ମେସିନ୍ ଲାଗି ଦାବି କରି ଆସୁଥିଲେ । ଫଳରେ ଗତ ୨ ଦିନ ଧରି କିଲୋସ୍କର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ନାମକ କମ୍ପାନୀ ସ୍ୱାସ୍ଥ୍ୟବିଭାଗରୁ ଆସି ମରାମତି କରିଥିଲା । ଗତ ଗୁରୁବାର ଏଥିରେ ବିଦ୍ୟୁତ୍ ସରବରାହ କରାଯାଇଥିଲା । କିନ୍ତୁ ଆଜି ଅପରାହ୍ନ ୨ଟାରେ ସେହି ଘରୁ ଧୂଆଁ ବାହାରି ସମଗ୍ର ଡାକ୍ତରଖାନାକୁ ଆଚ୍ଛାଦିତ କରିଥିଲା । ଫଳରେ ରୋଗୀ, କର୍ମଚାରୀ ଓ ସେଠାରେ ଥିବା ଜନସାଧାରଣ ଆତଙ୍କିତ ହୋଇ ପଡିଥିଲେ । ଦମକଳ କେନ୍ଦ୍ରକୁ ଖବର ପଠାଯାଇଥିଲେ ମଧ୍ୟ ଆସିବାରେ ବିଳମ୍ବ ଦେଖି ଡାକ୍ତରଖାନା ପରିସରରେ ଥିବା ଅଗ୍ନି ନିରୋଧକ ଯନ୍ତ୍ର ବ୍ୟବହାର କରାଯାଇଥିଲା । ଫଳରେ ନିଆଁ ଆୟତ୍ତ ହୋଇଥିଲା । ଏହାର ତଦନ୍ତ ଲାଗି ବିଭିନ୍ନ ମହଲରୁ ଦାବି ହୋଇଛି ।

## ଦିବଂଗତ ସିଡିଏସ୍ ଜେନେରାଲ ଓ ସେନାନୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୦/୧୨ (ନି.ପ୍ର): ସିଡିଏସ ଜେନେରାଲ୍ ବିପିନ ରାଓ୍ୱତ ଏବଂ ଦୁର୍ଘଟଣାଗ୍ରସ୍ତ ହେଲିକେପ୍ଟରରେ ଥିବା ସମସ୍ତ ସହିଦମାନଙ୍କ ଉଦ୍ଦେଶ୍ୟରେ ଭାରତୀୟ ପୂର୍ବତନ ସେନାନୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ସଂଘର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଫାଣ୍ଡି ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଅବସରପ୍ରାପ୍ତ ସେନାନୀ ଯୋଗଦେଇ ଦିବଂଗତ ସେନାନୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଜେନେରାଲ ବିପିନ ରାଓ୍ୱତ ସିଡିଏସ ଭାବେ ଭାରତୀୟ ସେନାକୁ ଆଧୁନିକରଣ କରିବାରେ ନେଇଥିବା ପଦକ୍ଷେପ ସମ୍ପର୍କରେ ସଙ୍ଗଠନର କର୍ମକର୍ତ୍ତାମାନେ ସ୍ମରଣ କରିଥିଲେ । ତାଙ୍କର ଅବଦାନକୁ ରାଷ୍ଟ୍ର ତଥା ଭାରତୀୟ ସେନା କେବେ ଭୁଲିପାରିବେ ନାହିଁ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ସେହିଭଳି ଓଡ଼ିଶାର ବୀର ସୈନିକ ରାଣା ପ୍ରତାପ ଦାସଙ୍କୁ ମଧ ସ୍ମରଣ କରାଯାଇଥିଲା । ପୂର୍ବତନ ସେନାନୀ ସଂଘର ଉପ-ସଭାପତି ଅନନ୍ତ ଦାସ, ଯୁଗ୍ମ ସଂପାଦକ ବିଏନ ଜେନା, ହେମନ୍ତ କୁମାର ଭୂୟାଁ ଏବଂ ମାନସ କୁମାର ମହାପାତ୍ର ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# 'ମୋନା'ର କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୧୦/୧୨ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା'ର ମାସିକିଆ କାର୍ଯ୍ୟକାରିଣୀ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ଦିବଂଗତ ତିନିବାହିନୀର ସେନାମୁଖ୍ୟ ଜେନେରାଲ ବିପିନ ରାଓ୍ୱତ ଓ ତାଙ୍କ ପତ୍ନୀଙ୍କ ସମେତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୧୩ ଜଣଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ମୋନାର ସାଧାରଣ ସମ୍ପାଦିକା ମମତା ମହାପାତ୍ର ପୂର୍ବ ବିବରଣୀ ପାଠ ସହ 'ନୀତିନିଷ୍ଠ ନବକୃଷ୍ଣ' ପୁସ୍ତକର ବହୁଳ ପ୍ରସାର ପାଇଁ ପଦକ୍ଷେପ ନେବା ଉପରେ ଆଲୋଚନା କରିଥିଲେ । ନିଶା ପ୍ରବଣ କେତେକ



ଅଞ୍ଚଳରେ ସଚେତନତା ପଦଯାତ୍ରା ଆୟୋଜନ ପାଇଁ ପଦକ୍ଷେପ ନେବା ସମ୍ପର୍କରେ ଏହି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ପୂର୍ବପରି ନିଶା ବିରୋଧରେ ସ୍କୁଲମାନଙ୍କରେ ସଚେତନତା ଶିବିର ଆରମ୍ଭ କରିବା ସହ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଧାରିତ ପୁସ୍ତକ ନୀତିନିଷ୍ଠ ନବକୃଷ୍ଣ ପୁସ୍ତକ ସ୍କୁଲମାନଙ୍କ ପାଠାଗାରରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଦାୟିତ୍ୱ ଉପଦେଷ୍ଟା ସୁବ୍ରତ କରଙ୍କୁ ଦିଆଯାଇଥିଲା । । 'ଏଥି ସହିତ ମୋନା'ର ବ୍ଲକ କମିଟି ଦ୍ୱାରା ଜଳେଶ୍ୱର ତହସିଲ ସମ୍ମୁଖରେ ନିଶା ବିରୋଧରେ ନିଆଯାଇଥିବା ଦୃଢ଼ ପଦକ୍ଷେପକୁ ସ୍ୱାଗତ କରାଯିବା ସଂଗେ ସଂଗେ କମିଟିକୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ. କେଶବ ଚରଣ ପଣ୍ଡା, ଶଶାଙ୍କ ଶେଖର ଦତ୍ତ, କମଳକାନ୍ତ ଦାଶ, ସ୍ମୃତି ଦାସ, ପ୍ରସନ୍ନ କୁମାର ପାଢ଼ୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ସୀତାରାମ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ସନାତନ ଦାସ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କମଳାକାନ୍ତ ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳାକାର ବିଶ୍ୱମାନବବାଦର କଥା କହେ ବୋଲି ବିଶ୍ୱ ବନ୍ଦ୍ୟ

## ବାଲିଆପାଳବ୍ଲକ କଳାକାର ସଂଘର ବାର୍ଷିକ ଉତ୍ସବ




ବାଲିଆପାଳ, ୧୦/୧୨ (ନି.ପ୍ର): କଳାରେ କଳଙ୍କ ନଥାଏ,କଳାକାର ସଳିତା ପରି ଜଳି ଜଳି ସାରା ଦୁନିଆକୁ ସୁଖ ବାଂଟି ଥାଏ । କଳାକାର ହିଁ ବିଶ୍ୱ ମାନବବାଦର କଥା କହିଥାଏ । ସେହିଥିପାଇଁ ସେ ବିଶ୍ୱ ବନ୍ଦ୍ୟ ।ତାର କେବେ ମୃତ୍ୟୁ ନଥାଏ ।ମହାକାଳ ତା ପାଖରେ ହାର ମାନେ ବୋଲି ବାଲିଆପାଳ ବ୍ଲକ କଳାକାର ସଂଘର ବାର୍ଷୀକ ଉତ୍ସବରେ ଅତିଥି ଭାବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ସିମୁଳିଆ ରାଧାଗୋବନ୍ଦ ମଠ ପରିସରରେ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସଂଘର ସଭାପତି ତଥା ନାଟ୍ୟକାର ଝାଡେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ । ରେବତୀ ପତ୍ରିକାର ସଂପାଦିକା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥି,ବରିଷ୍ଠ ଅଧ୍ୟାପକ ତଥା ପାଲା ଗାୟକ ଦୟାନିଧି ସାହୁ ମୁଖ୍ୟ ବକ୍ତା, ସମ୍ମାନୀତ ଅତିଥି ଭାବରେ ତହସିଲଦାର ଦୀପକ କୁମାର ଦାସ, ଯାତ୍ରା କଳାକାର ଗୌର ଦାସ, ନାଟ୍ୟକାର ଜଗନ୍ନାଥ ମହାନ୍ତି, ସଂଘର ଜିଲ୍ଲା ସଂପାଦକ ପ୍ରଫୁଲ୍ଲ କୁମାର ଘୋଷ, ବିଜୟ କୁମାର ଜେନା, ପୂର୍ବତନ ସରପ ମୁରଳୀ ମୋହନ ସାହୁ, କବି ବ୍ରଜେନ୍ଦ୍ରନାଥ ଗିରି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଧାନ, ସଂପାଦକ ପ୍ରଫୁଲ୍ଲ କୁମାର ବାଗ ବିବରଣୀ ପାଠ କରିଥିଲେ । ସମାଜସେବୀ ସୁବାସିନୀ ଜେନା ବିଶେଷ ଅବଦାନ ପାଇଁ କୋଡିଏ ଜଣ କଳାକାରଙ୍କୁ ସମ୍ବର୍ଦ୍ଧୀତ କରିବା ସହ ୨୦୦ କଳାକାରଙ୍କୁ କମ୍ବଳ ବିତରଣ କରିଥିଲେ ।ସ୍ଥାନୀୟ ତହସିଲଦାର ଦୀପକ କୁମାର ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ କରୋନା ଯୋଦ୍ଧା ଭାବରେ ସମ୍ମାନୀତ କରାଯାଇଥିଲା ।ପରିଶେଷରେ ସଂଘ ପକ୍ଷରୁ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମକୁ ରାଧାରମଣ ରାଉତ,ସଦାଶିବ ଜେନା, ଲକ୍ଷ୍ମୀଧର ଜେନା,ଦୈତାରୀ ଲେଙ୍କା, ସୁଧାଂଶୁ ଶେଖର ଗିରି, ସଞ୍ଜୟ ମଣ୍ଡଳ,ପ୍ରଦୀପ୍ତ ରାଜ, ବୀରେନ ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ ।ସଂଘର ଉପସଭାପତି ରାଜକିଶୋର ଦାଶ ଧନ୍ୟବାଦ ଅର୍ପନ କରିଥିଲେ ।

# ଓଡିଶାରେ ସାନ୍ତାଳି ଭାଷାକୁ ସଂଖ୍ୟାଲଘୁ ଭାଷା ମାନ୍ୟତା ଦାବି

## ସାନ୍ତାଳି ଭାଷା ସଂଗଠନ ସମୁହର ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ




ବାରିପଦା, ୧୦/୧୨ (ନି.ପ୍ର): ଆଜି ସାନ୍ତାଳୀ ଭାଷା ଭିତିକ ବିଭିନ୍ନ ସଂଗଠନର ଆହ୍ୱାନ କ୍ରମେ ଓଡ଼ିଶା ରେ ସାନ୍ତାଳୀ ଭାଷା ସାହିତ୍ୟର ସୁରକ୍ଷା ଏବଂ ବିକାଶ ପାଇଁ ଏକ ଦାବୀପତ୍ର ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ବିରାଟ ଶୋଭାଯାତ୍ରାରେ ଆସି ପ୍ରଦାନ କରାଯାଇଛି । ଓଡ଼ିଶାରେ ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭାଷାପରି ସାନ୍ତାଳୀ ଭାଷାକୁ ମଧ ସଂଖ୍ୟା ଲଘୁ ଭାଷାର ମାନ୍ୟତା ପ୍ରଦାନ, ସଂଖ୍ୟା ଲଘୁ ଭାଷା ପାଇଁ ଉଦ୍ଦିଷ୍ଟ ଥିବା ଶିକ୍ଷା ଗତ ସୁବିଧା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧମିକ ସ୍ତରରେ ପ୍ରଥମ ଭାଷା ସହିତ ତୃତିୟ ଭାଷା ଶ୍ରେଣୀରେ ମାନ୍ୟତା ପ୍ରଦାନ, ଉଚ୍ଚ ମାଧ୍ୟମିକ ସ୍ତରରେ ମାତୃଭାଷା ସହିତ ଇଚ୍ଛାଧିନ ବିଷୟ ଭାବରେ ମାନ୍ୟତା ପ୍ରଦାନ, ସ୍ନାତକ ସ୍ତରରେ ଇଚ୍ଛଧିନ ବିଷୟ ସହିତ ସମ୍ମାନ ବିଷୟ ଭାବରେ ପ୍ରଚଳନ, ପ୍ରାକ୍ ପ୍ରାଥମିକ ସ୍ତରରେ ସାନ୍ତାଳୀ ଭାଷା ରେ ଶିକ୍ଷା ଉପଲବ୍ଧ କରାଇବା, ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ରେ ସାନ୍ତାଳୀ ଭାଷାକୁ ଅନ୍ତର୍ଭୁକ୍ତ କରାଯିବା, ସାନ୍ତାଳୀ ଭାଷା ଶିକ୍ଷାର ସୁପରିଚାଳନା ପାଇଁ ସାନ୍ତାଳୀ ଶିକ୍ଷା ପରିଷଦ ଗଠନ କରାଯିବା, ବିଏଡ ପାଠ୍ୟ ଖସଡ଼ାରେ ସାନ୍ତାଳୀ ଭାଷର ପ୍ରଚଳନ କରାଯିବା, ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ବିଶ୍ୱ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଆବଶ୍ୟକ ସ୍ଥଳରେ ସାନ୍ତାଳି ଭାଷା ଶିକ୍ଷକ ନିଯୁକ୍ତି, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ପରି ପେଶା ଆଇନ ଆଧାରରେ ସାନ୍ତାଳ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଗ୍ରାମସଭା ସଦସ୍ୟ ଯଥା ମାଝୀ ବାବା,ପାରାନିକ୍ ବାବା, ଗଡେଥ ବାବା, ଯଗମାଝୀ ବାବା, ନାଏକେ ବାବା, ପାର୍ଗାନା ବାବା ମାନଙ୍କୁ ଆଇନଗତ ମାନ୍ୟତା ପ୍ରଦାନ ସହିତ ଭତା ପ୍ରଦାନ ପ୍ରମୁଖ ଦାବୀ ସମ୍ବଳିତ ଦାବୀ ପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦାବିଗୁଡିକ ପୂରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବା ସହିତ ଲୋକପ୍ରତିନିଧି ମାନଙ୍କୁ ଗାଁ ଗଣ୍ଡାରେ ଦୃଢ ବିରୋଧ କରାଯିବ ବୋଲି ସଂକଳ୍ପ ନିଆଯାଇଥିବାର କୁହାଯାଇଛି । ଆୟୋଜିତ ଏହି ଶୋଭାଯାତ୍ରାରେ ନିଖିଳ ଓଡ଼ିଶା ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟି, ଭାରତ ଜାକାତ ମାଝୀ ପାର୍ଗାନା ମହୋଲ, ଆଦିବାସୀ ଛାତ୍ର ସଂଘ, ସାନ୍ତାଳୀ ସ୍ନାତକୋତର ଛାତ୍ର ସଂଘ, ସାନ୍ତାଳୀ ଏକାଡେମୀ, ଆସେକାର ବିଭିନ୍ନ ଶାଖା ସଂଗଠନ ଏବଂ ଅନ୍ୟାନ୍ୟ ୧୯ ଗୋଟି ସଂଗଠନର କର୍ମକର୍ତା ମାନେ ସକ୍ରିୟ ସହଯୋଗ ପୂର୍ବକ ଯୋଗଦାନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମମିତାଙ୍କୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସର....

ପ୍ରତିଶ୍ରୁତି ଦେଇଛନ୍ତି । ଯଦି କିଛି କାର୍ଯ୍ୟାନୁଷ୍ଠାନ ନହୁଏ ପୁଣି ୭ ଦିନ ପରେ ରାଜରାସ୍ତାକୁ ଓହ୍ଲାଇବ ବୋଲି କଂଗ୍ରେସ ଚେତାବନୀ ଦେଇଛି । ପାଲଟା ଅଭିଯୋଗ ଆଣି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି ପୋଲିସ୍ ଉପରକୁ ପ୍ରବଳ ପଥର, ଟମାଟୋ ଓ ଅଣ୍ଡା ମାଡ଼ ହୋଇଛି । ଏହାସତ୍ତ୍ୱେ ପୋଲିସ୍ କର୍ମଚାରୀ ନିର୍ଭିକତାର ସହ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଛନ୍ତି । କଂଗ୍ରେସ କର୍ମୀ ପୋଲିସ୍‌ର ଗାଡ଼ିରେ ନିଆଁ ଲଗାଇବାକୁ ଚେଷ୍ଟା କରୁଥିଲେ । ଅଗ୍ନିଶମ ବାହିନୀ କର୍ମଚାରୀ ତୁରନ୍ତ ପହଂଚି ନିଆଁକୁ ଆୟତ କରିଛନ୍ତି । ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଠାବ କରାଯାଇ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ତେବେ ଡିସିପିଙ୍କ ଅଭିଯୋଗକୁ ଖଣ୍ଡନ କରି ଛାତ୍ର କଂଗ୍ରେସ ସଭାପତି କହିଛନ୍ତି, କଂଗ୍ରେସ କର୍ମୀ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିଲା । ଏହାକୁ ଭଣ୍ଡୁର ପାଇଁ ପୋଲିସ୍ ଚକ୍ରାନ୍ତ କରି ଏପରି ଦମନଲୀଳା ଚଳାଇଛି । କୌଣସି କଂଗ୍ରେସ କର୍ମୀ ପୋଲିସ୍ ଗାଡ଼ିରେ ନିଆଁ ଲଗାଇବାକୁ ଚେଷ୍ଟା କରି ନାହାନ୍ତି । ବିଜେଡି ଗୁଣ୍ଡାଙ୍କ ସହାୟତାରେ ପୋଲିସ୍ ଏପରି ଚକ୍ରାନ୍ତ କରିଛି । ମମିତା ହତ୍ୟା ମାମଲାକୁ ନେଇ ଗୋଟିଏ ପଟେ ୧୦ ଦିନ ହେଲାଣି ଗୃହ ସ୍ୱାଭାବିକ ହୋଇପାରୁ ନ ଥିବା ବେଳେ ରାସ୍ତା ଉପରେ ବି ଗର୍ଜୁଛନ୍ତି ବିରୋଧୀ । ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଗତକାଲି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ରଣହୁଙ୍କାର ଦିଆଯାଇଥିବା ବେଳେ ଆଜି ଛାତ୍ର କଂଗ୍ରେସ ପକ୍ଷରୁ ଦିଆଯାଇଥିଲା ହଲ୍ଲାବୋଲ ଡାକରା । ଶୁକ୍ରବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ର କଂଗ୍ରେସର ଶତାଧିକ କର୍ମୀ ବିଧାନସଭା ମୁହାଁ ହେଉଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇ ଥିଲା । ତେଣୁ ଉଭୟ ପକ୍ଷରେ ମଧରେ ବେଶ୍ କିଛି ସମୟ ଧରି ଠେଲାପେଲା ହୋଇଥିଲା । ଛାତ୍ର କଂଗ୍ରେସ କର୍ମୀଙ୍କୁ ଘଉଡ଼ାଇବାକୁ ପୁଲିସ୍ ଲାଠିଚାର୍ଜ କରିଥିଲା । ଗୋଡ଼ାଇ ଗୋଡ଼ାଇ ପୁଲିସ୍ ସେମାନଙ୍କୁ ପିଟିଥିଲା । ଏମିତିକି କଂଗ୍ରେସ ଭବନ ଭିତରେ ପଶି କର୍ମୀମାନଙ୍କୁ ବି ପୁଲିସ୍ ପିଟିଥିବା ଅଭିଯୋଗ ହୋଇଛି ।

## ସାତ ଦିନ ଏକାଠି ରହିବା ପରେ .....

୨୦୨୦ ମସିହା ସେପଟ୍ମେର ୭ ତାରିଖରେ ସୁମିତଙ୍କୁ ସେ କୋର୍ଟ ମ୍ୟାରେଜ କରିଥିଲେ । ଏମିତିକି ବିବାହ ପରେ ସେହି ଶ୍ୱଶୁର ଘରେ ୬ ମାସ ଧରି ବୋହୂ ଭାବେ ରହିଥିଲେ ବୋଲି ଡିମ୍ପଲ କହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଶ୍ୱଶୁର ଘର ଲୋକେ ପୁଣି ବୈଦିକ ରୀତିରେ ବିବାହ କରାଇବାର ମିଛ ପ୍ରତିଶ୍ରୁତି ଦେଇ ତାଙ୍କୁ ବାପଘରକୁ ପଠାଇ ଦେଇଥିଲେ । ଏପରିକି ବିବାହ ପାଇଁ ଦୁଇ ଦୁଇଟି ତାରିଖ ଦେଇ ମଧ କଥା ରଖିନଥିବାରୁ ଏବେ ଉପାୟ ନପାଇ ଶ୍ୱଶୁର ଘର ସାମ୍ନାରେ ଧାରଣା ଦେବାକୁ ବାଧ ହୋଇଛି ବୋଲି ତପସ୍ୱିନୀ ଅଭିଯୋଗ କରିଥିଲେ । ଗତ ତିନି ତାରିଖରେ ଏହି ହାଇପ୍ରୋଫାଇଲ୍ ମାମଲାର ବିଚାର କରିଥିଲେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟ । ଡାକ୍ତର ସୁମିତ ଓ ତପସ୍ୱିନୀଙ୍କୁ ୭ ଦିନ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଆସିକା ଚିନି କଳ ଗେଷ୍ଟ ହାଉସ୍‌ରେ ଏକାଠି ରହିବାକୁ ନିର୍ଦ୍ଦେଶ ଦେଲେ କୋର୍ଟ । ଆଉ ସେମାନଙ୍କୁ ବାହାରେ ଜଗିଥିଲେ ଆସକା ଥାନା ଆଇଆଇସି । ୭ ଦିନ ମଧରେ ଉଭୟଙ୍କୁ କାହା ସହ ଦେଖା ସାକ୍ଷାତ କରିଦିଆଯିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସ୍ୱାମୀ-ସ୍ତ୍ରୀ ୭ ଦିନ ଧରି ଗୋଟିଏ ଘରେ ପରେ ଗୁରୁବାର ଏସ୍‌ଡିଜେଏମ୍ ପୁଣି ଥରେ ଏକତ୍ର ରହିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ୨୦ ଦିନ ପୂର୍ବରୁ ଶେଷ ହେଲା....

କଂଗ୍ରେସ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ବିଧାନସଭାରେ ପ୍ରବେଶ କରିବାକୁ ନଦେଇ ଧାରଣା ଦେଇଥିଲା । ବିଜେପି ମଧ ଗଙ୍ଗା ଜଳ ଓ ଗୋବର ପାଣି ଛିଂଚି ପ୍ରତିବାଦ କରିଥିଲା । କେବଳ ସେତିକି ନୁହେଁ ଗୃହ ଆରମ୍ଭ ଦିନ ଠାରୁ ବିରୋଧୀଙ୍କ ପ୍ଲାକାର୍ଡ ପ୍ରଦର୍ଶନ , ଘଂଟ ପିଟା, ଗଙ୍ଗାପାଣି ଛିଂଚନ ଦେଖିବାକୁ ମିଳିଥିଲା । ମମିତା ମେହେର ମାମଲାରେ ଡିସେମ୍ବର ୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧମରେ ବିଧାନସଭାରେ ବିବୃତି ରଖିଥିଲେ । ତେବେ ତାହା ବିରୋଧୀ ବିଜେପି ଓ କଂଗ୍ରେସକୁ ଶାନ୍ତ କରି ପାରି ନଥିଲା । ଫଳରେ ଗୃହରେ ଅଚଳାବସ୍ଥା ଲାଗି ରହିଲା । ଅପରପକ୍ଷରେ ଶାସକ ବିଜେଡି କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲା । ଶାସକ ଦଳ ସଦସ୍ୟମାନେ ଗୃହରେ ପ୍ଲାକାର୍ଡ ପ୍ରଦର୍ଶନ ସହ ବାହାରେ ଗାନ୍ଧି ମୂର୍ତି ତଳେ ଧାରଣା ଦେଇଥିଲେ । ପୁରା ଅଧିବେଶନରେ ଗୋଟିଏ ବି ପ୍ରଶ୍ନୋତର ଚାଲିନପାରିବା ଏବଂ ଗୋଟିଏ ବି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇନପାରିବା ବିରଳ ଥିଲା । କେବଳ ପ୍ରବଳ ହଟଗୋଳ ଭିତରେ ପାରିତ ହୋଇଛି ୧୯ ହଜାର ୮୩୩ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ । ଏହା ସହିତ ସରକାର ପାଇକ ବିଦ୍ରୋହ କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ଏକ ସଂକଳ୍ପ ପାରିତହୋଇଛି । ହଟ୍ଟଗୋଳ ମଧ୍ୟରେ ସିଏଜି ରିପୋର୍ଟ ମଧ୍ୟ ଉପସ୍ଥାପିତ ହୋଇଥିଲା । ଅଧିବେଶନର ପ୍ରଥମ ଦିନରେ ଦିବଂଗତ ପୂର୍ବତନ ସଦସ୍ୟ ଓ ସହୀଦମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ଅଧିବେଶନ କାଳରେ ବିଭିନ୍ନ ବିଭାଗର ମୋଟ ୩୫ ଟି କାଗଜ ଉପସ୍ଥାପନ ହୋଇଥିଲା । ସେହିପରି ୧୧ ଟି ବାର୍ଷିକ ରିପୋର୍ଟ ଓ ଗୋଟିଏ କମିଟି ରିପୋର୍ଟ ଉପସ୍ଥାପିତ ହୋଇଥିଲା । ଗୋଟିଏ ସରକାରୀ ବିଲ୍ ଉପସ୍ଥାପିତ ହୋଇ ପାରିତ ହୋଇଥିବା ବେଳେ ଶେଷ ଦିନରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଥିଲା ।

## ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତକୁ ....

ଅଧ୍ୟାତ୍ମିକ ଚେତନା ଏବଂ ଜ୍ଞାନର ପରମ୍ପରାକୁ ଆଗକୁ ନେବା ପାଇଁ ଆଗାମୀ ଦିନରେ ପୂଣ୍ୟଭୂମି ଗୋରଖପୁରକୁ "ସ୍ୱେଶାଲ ଏଜ୍ୟୁକେସନ ଜୋନ୍" ଭାବରେ ବିକଶିତ କରାଯିବ । ଭଗବାନ ଶିବ ଏବଂ ବୁଦ୍ଧଙ୍କ ପବିତ୍ର ଭୂମି, ଗୋରଖପୁରରେ ଯୁଗପୁରୁଷ ମହନ୍ତ ଦିଗବିଜୟନାଥ ଶତାବ୍ଦୀ ପୂର୍ବରୁ ଆଧାତ୍ମିକ ଚେତନାରେ ଆଗକୁ ବଢ଼ି ଏହି ଅଂଚଳରେ ସମାଜର ବିକାଶ ଏବଂ ବିକାଶର ଦାୟିତ୍ୱ ନେଇଥିଲେ । ଯାହାକୁ ପରବର୍ତୀ ସମୟରେ ମହନ୍ତ ଅବୈଦ୍ୟନାଥ ଏବଂ ଆଜିର ସମୟରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିକାଶର ଧାରାକୁ ଆଗକୁ ନେଉଛନ୍ତି । ଏମ୍ସ ଗୋରଖପୁର ହେଉ କିମ୍ବା ଦଶନ୍ଧି ପରେ ପୁନଃକାର୍ଯ୍ୟକ୍ଷମ ହୋଇଥିବା ଗୋରଖପୁର ସାର କାରଖାନା ; ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଉଥିବା ପ୍ରତିଶ୍ରୁତି କେବଳ ଭାଷାଣବାଜୀରେ ସୀମିତ ନୁହେଁ ବରଂ ନିର୍ଦ୍ଧାରିତ ସମୟରେ ସେହି ପ୍ରତିଶ୍ରୁତି ବାସ୍ତବର ରୂପ ନେଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ୟୁପିରେ ମହାରଣା ପ୍ରତାପ ଶିକ୍ଷା ପରିଷଦର ପ୍ରତିଷ୍ଠା ସପ୍ତାହ ସମାରୋହରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଯୁବକଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ପଞ୍ଚଭୂତରେ ଲୀନ ହେଲେ....

ନାହାନ୍ତି ସତ କିନ୍ତୁ ତାଙ୍କ ବିରତ୍ୱର ଗାଥା ସବୁଦିନ ପାଇଁ ମନେ ରହିବ । ଅନ୍ୟପଟେ ଜେନେରାଲ ବିପିନ ରାଓ୍ୱତଙ୍କ ପରେ ନୂଆ ସିଡିଏସ କିଏ ହେବେ ସେନେଇ ଆରମ୍ଭ ହୋଇଛି କଳ୍ପନାକଳ୍ପନା । ସେନା ମୁଖ୍ୟ ମନୋଜ ମୁକୁନ୍ଦ ନରଓ୍ୱଣେ ବର୍ତ୍ତମାନ ବରିଷ୍ଠ ଅଛନ୍ତି । ତେଣୁ ନରଓ୍ୱଣେ ନୂଆ ସିଡିଏସ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଯଦି ଏହି ଆକଳନ ସତ ହୁଏ ତାହେଲେ ସେ ସେନା ଅଧକ୍ଷ ପଦ ଛାଡିବେ ଆଉ ଦେଶର ସେନା ଉପମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ନୂଆ ସେନାଧକ୍ଷ ହେବାର ସମ୍ଭାବନା ରହିଛି । ଏହି ପଦ ଲାଗି ନର୍ଦନ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ୱାଇକେ ଯୋଶୀଙ୍କ ନାଁ ମଧ ଚର୍ଚ୍ଚାରେ ରହିଛି । ଉଭୟ ଯୋଶୀ ଏବଂ ମହାନ୍ତି ଗୋଟିଏ ବ୍ୟାଚର କିନ୍ତୁ ବରିଷ୍ଠତା ଦୃଷ୍ଟିରୁ ମହାନ୍ତି ଆଗରେ ରହିଛନ୍ତି । ଏଲଓସିରେ ସୈନ୍ୟ ପରିଚାଳନା ଅଭିଜ୍ଞତା ଦୃଷ୍ଟିରୁ ମହାନ୍ତି ସେନାମୁଖ୍ୟ ହେବା ସମ୍ଭାବନା ଅଧିକ ବୋଲି ଚର୍ଚ୍ଚା ହେଉଛି । ଜଗତସିଂହପୁରରେ ଜନ୍ମ ଗ୍ରହଣ କରିଥିବା ମହାନ୍ତି, ଗତ ଫେବୃଆରୀ ପହିଲାରେ ସେନା ଉପମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ।

# ଶହିଦ ବିପିନ୍ ରାଓ୍ୱତଙ୍କୁ ବିଭିନ୍ନ ମହଲରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୀଳଗିରି, ୧୦/୧୨ (ନି.ପ୍ର): ପ୍ରତିରକ୍ଷା ବାହିନୀର ଜେନେରାଲ ବିପିନ୍ ରାଓ୍ୱତଙ୍କ ବିୟୋଗରେ ଶୁକ୍ରବାର ଦିନ ୧ଘଟିକା ସମୟରେ ନୀଳଗିରି ଡିଗ୍ରୀ ମହିଳା ମହାବିଦ୍ୟାଳୟ ୟୁଥ୍ ରେଡକ୍ରସ ଓ ଏନ.ଏସ.ଏସ. ତରଫରୁ ଦେଶର ମାତୃକାର ସୁରକ୍ଷା ଦିଗରେ ଶହିଦ୍ ବିପିନ୍ ରାଓ୍ୱତଙ୍କୁ ଅଶୃଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷା ମଂଜୁଶ୍ରୀ ପଣ୍ଡା, ଅଧାପକ ହରିପଦ ଦାସ, ପ୍ରଦୀପ୍ତ ମିଶ୍ର, ଅଧାପିକା ମୌସୁମି ଭୋଳ, ମମତା ବରାଳ, ମନୋଲିସା ଭୋଳ ପବିତ୍ରା ବେଉରିଆ, ଭାଗ୍ୟବତୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଅନୁରୁପ ଭାବେ ନୀଳଗିରି ଯୁବ ବିଜେଡି ପକ୍ଷରୁ ସନ୍ଧ୍ୟା ୫ଟା ସମୟରେ ସି.ଡି.ଏସ. ବିପିନ୍ ରାଓ୍ୱତ ସମେତ ସମସ୍ତ ସହିଦଙ୍କ ଉଦ୍ଦେଶ୍ୟରେ ନୀଳଗିରି ଗୁଣ୍ଡିଚା ମନ୍ଦିର ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଦୁର୍ଗାମଣ୍ଡପ ନିକଟରେ ପହଂଚିଥିଲେ । ସେଠାରେ ଶହୀଦମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଂଜଳି ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ଯୁବ ବିଜେଡି ସଭାପତି ଧିରେନ୍ଦ୍ର ଲେଙ୍କା, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ବିସ୍ମୟ ମଲ୍ଲିକ, ରଶ୍ମିରଂଜନ ରାଉତ, ମୁନା ଦାସବାବୁ, ମାନସ ପରିଡ଼ା, ସମେତ ବହୁ ଯୁବ ବିଜେଡି କର୍ମକର୍ତା ଉପସ୍ଥିତ ଥିଲେ ।

# ଜଳେଶ୍ୱର ମହିଳା କଲେଜରେ ଜାତୀୟ ମାନବିକ ଅଧିକାର ଦିବସ ପାଳିତ

ଜଳେଶ୍ୱର, ୧୦/୧୨(ନିପ୍ର): ସମ୍ବିଧାନର ନିୟମ ଅନୁଯାୟୀ ମାନବିକ ଅଧିକାର ପ୍ରତ୍ୟେକ ନାଗରିକଙ୍କର ପ୍ରାପ୍ୟ । କିନ୍ତୁ ଏହାର ବ୍ୟତିକ୍ରମ ଘଟୁଥିବାରୁ ସଚେତନତା ଲାଗି ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଜି ଜାତୀୟ ମାନବିକ ଅଧିକାର ଦିବସ ଉପଲକ୍ଷେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର +୩ ଶ୍ରେଣୀର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ସଭାପତିତ୍ୱ କରି ମାନବିକ ଅଧିକାର ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର ବୋଲି କହିଥିଲେ । ମୁଖ୍ୟଅତିଥିଭାବେ ଜାତୀୟ ସେବା ଯୋଜନାର ପୂର୍ବତନ ଜିଲା ଅଧିକାରୀ ସତ୍ୟମୟ ଆଚାର୍ଯ୍ୟ ଯୋଗ ଦେଇ ମାବିକ ଅଧିକାର କ୍ଷୁର୍ଣ୍ଣହେଲେ ଆଇନର ସହାୟତା ନୋବକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ସଂଗ୍ରାମ ପଟ୍ଟନାୟକ, ଡ. ଲିପ୍‌ସା ଦାସ, ଚନ୍ଦ୍ରସେଖର ଗିରି, ରତନ କୁମାର ମିଶ୍ର ସମାଜରେ ସମସ୍ତଙ୍କ ଅଧିକାର ସଂପର୍କରେ ସୂଚାଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଦିଲ୍ଲିପ କୁମାର ଘୋଷ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

